## ବନ୍ଧୁକ ଦେଖାଇ ୧୫ଲକ୍ଷର ସୁନାଗହଣା ଲୁଟିନେଲେ

ଡେଲାଙ୍ଗ,(ଡି.ଏନ୍.ଏ.): ଡେଲାଙ୍ଗ ଥାନା ଅନ୍ତର୍ଗତ ଘୋରଡ଼ିଆ ବଜାରସ୍ଥିତ ଜଣେ ସୁନାଗହଣା ଦୋକାନୀଙ୍କୁ କେତେଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ୧୫ଲକ୍ଷ ଟଙ୍କାର ସୁନାଗହଣା ଲୁଟି ନେଇଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା(ନଂ.୨୫୮/୨୧) ରୁଜୁ କରି ତଦନ୍ତ ଚଳାଇଛି। ଘୋରଡ଼ିଆ ବଜାରରେ ଗଙ୍ଗପୁରପାଟଣାର ସୁଶାନ୍ତ ପୌଦାରଙ୍କ ସୁନାଗହଣା ଦୋକାନ ଥିଲା। ଗତ ୧୭ ତାରିଖ ରାତି ୧୦ଟାରେ ଦୋକାନ ବନ୍ଦ କରି ଘରକୁ ଯିବାକୁ ବାହାରୁଥିବା ସମୟରେ ୨ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ତାଙ୍କଠାରୁ ଲୁଟ୍ କରିଥିଲେ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଶ୍ରୀ ବିନାୟକ ଯୁଥ ଆସୋସିଏଶନ ପକ୍ଷରୁ କାର୍ତ୍ତିକ ପୂର୍ଣ୍ଣିମା ଉତ୍ସବ ଓ ରାଧାକୃଷ୍ଣଙ୍କ ଯଜ୍ଞ ପୂର୍ଣ୍ଣାହୁତି, ନୂଆସାହି ପୋଷ୍ଟ ଅଫିସ ଛକ କଲ୍ୟାଣ ମଣ୍ଡପ, ନୟାପଲ୍ଲୀ, ଅପରାହ୍ନ ୪ଟା।
- କାର୍ତ୍ତିକ ପୂର୍ଣ୍ଣିମା ମହୋତ୍ସବ ଓ ପ୍ରତିଯୋଗିତା, ରବୀନ୍ଦ୍ର ମଣ୍ଡପ, ଅପରାହ୍ନ ୪ଟା।
- ଜିତେଶ କୁମାର ଫିଲ୍ମସ୍‌ର 'ଆଇ' ଫିଲ୍ମ ଘୋଷଣା, ବୁଦ୍ଧ ମନ୍ଦିର, ୟୁନିଟ-୯, ଅପରାହ୍ନ ୪ଟା।
- ସୂର୍ଯ୍ୟ ଏଣ୍ଟରଟେନମେଣ୍ଟ ପକ୍ଷରୁ ଫିଲ୍ମ ବାଳୀର ଅଡିଓ ରିଲିଜ, ଲୋହିଆ ଏକାଡେମୀ, ୟୁନିଟ-୯, ଅପରାହ୍ନ ୪ଟା ୩୦।
- ସ୍ୱାଧୀନତା ସଂଗ୍ରାମୀ, ବାମପନ୍ଥ ନେତା ମନମୋହନ ମିଶ୍ରଙ୍କ ଶ୍ରାଦ୍ଧବାର୍ଷିକ ଅବସରରେ ଆଲୋଚନାଚକ୍ର, ରୋଟାରୀ ଭବନ, ୟୁନିଟ-୯, ଅପରାହ୍ନ ୫ଟା ୩୦।
- ଐତିହାସିକ ଡ.ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀଙ୍କ ଜନ୍ମୋତ୍ସବରେ ଆଲୋଚନାସଭା ଓ ପୁସ୍ତକ ଉନ୍ମୋଚନ, ୧୧୧/ଡି, ଜୟଦେବ କମ୍ପ୍ଲେକ୍ସ ସମ୍ମିଳନୀ କକ୍ଷ, ଶହୀଦ ନଗର, ସନ୍ଧ୍ୟା ୬ଟା।

**ବାଲିଅନ୍ତା**

- ରାଧାକୃଷ୍ଣ ସାଂସ୍କୃତିକ ପରିଷଦ ପକ୍ଷରୁ ରାଧାକୃଷ୍ଣଙ୍କ ପୂଜା, ଦଣ୍ଡିଲୋ ରାସମଣ୍ଡପ, ସକାଳ ୯ଟା।
- ବନବିହାରୀ ଦେବଙ୍କ ବାର୍ଷିକ ଗୀତା ଯଜ୍ଞର ପୂର୍ଣ୍ଣାହୁତି, ପାରିବାସୁଦେଇପୁର, ଅପରାହ୍ନ ୪ଟା।
- ମା' ଭୁଷଣ୍ଡେଇଙ୍କ ବାର୍ଷିକ ଯଜ୍ଞର ପୂର୍ଣ୍ଣାହୁତି, ରାମଚନ୍ଦ୍ରପୁର ଯଜ୍ଞମଣ୍ଡପ, ଅପରାହ୍ନ ୫ଟା।
- ପଞ୍ଚକ ରାହାସର ଉଦ୍‌ଯାପନୀ ଉତ୍ସବ, ନିକୁଞ୍ଜବିହାରୀ ମନ୍ଦିର, ସନ୍ଧ୍ୟା ୭ଟା।

# ଦ୍ୱିତୀୟ ସୂର୍ଯ୍ୟମନ୍ଦିରକୁ ବିରୋଧ

- ସରକାରୀ ଜାଗାରେ ନିର୍ମାଣ ଚାଲିଥିବା ଅଭିଯୋଗ
- ପୁରୀ ଜିଲ୍ଲା ଯୁବ ଅଧିବକ୍ତା ସଂଘ ପକ୍ଷରୁ ବିକ୍ଷୋଭ
- ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ: ଜିଲାପାଳ

**ପୁରୀ ଅଫିସ, ୧୮।୧୧**

କୋଣାର୍କ ଚନ୍ଦ୍ରଭାଗାରେ ଦ୍ୱିତୀୟ କୋଣାର୍କ ମନ୍ଦିର ନିର୍ମାଣ ନେଇ କେତେକ ସଙ୍ଗଠନ ଉଦ୍ୟମ ଆରମ୍ଭ କରିଥିବାବେଳେ ଏନେଇ ବିବାଦ ଦେଖାଦେଇଛି। ସରକାରୀ ଜାଗା ଉପରେ ଦ୍ୱିତୀୟ ସୂର୍ଯ୍ୟ ମନ୍ଦିର ନିର୍ମାଣକୁ ପୁରୀ ଜିଲ୍ଲା ଯୁବ ଅଧିବକ୍ତା ସଂଘ ବିରୋଧ କରିଛି। ଏ ନେଇ ସଂଘ ପକ୍ଷରୁ ଗୁରୁବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। ସଂଘ କର୍ମକର୍ତ୍ତା କହିଛନ୍ତି, ବିଶ୍ୱର ସପ୍ତାଶ୍ଚାର୍ଯ୍ୟ ମଧ୍ୟରୁ କୋଣାର୍କ ଅନ୍ୟତମ। କୋଣାର୍କ ସୂର୍ଯ୍ୟ ମନ୍ଦିରକୁ ବ୍ଲାକ୍ ପାଗୋଡ଼ା ମଧ କୁହାଯାଏ ଏବଂ ଏହି ମନ୍ଦିର ଓଡ଼ିଶାର କୋଟି କୋଟି ଜନସାଧାରଣଙ୍କ ଭାବାବେଗ ସହିତ ଜଡ଼ିତ। ତେଣୁ ଉକ୍ତ ଅଞ୍ଚଳରେ ଦ୍ୱିତୀୟ ସୂର୍ଯ୍ୟମନ୍ଦିର ନିର୍ମାଣର ଆବଶ୍ୟକତା ନାହିଁ। ସୂର୍ଯ୍ୟ ମନ୍ଦିର ନିର୍ମାଣ କାମ ବନ୍ଦ କରିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଯୁବ ଅଧିବକ୍ତା ସଂଘ ଦାବି କରିଛି। ସଂଘର ଆବାହକ ଆଇନଜୀବୀ ଅନିଲ କୁମାର ସାହୁ କହିଛନ୍ତି, ଦ୍ୱିତୀୟ କୋଣାର୍କ ନିର୍ମାଣ ଦିଗରେ ଜମି ମାଫିଆଙ୍କ ଷଡ଼ଯନ୍ତ୍ର ରହିଛି। କୋଣାର୍କର ସ୍ୱତନ୍ତ୍ରତା କ୍ଷୁର୍ଣ୍ଣ କରିବା ପାଇଁ ହେଉଥିବା ଷଡ଼ଯନ୍ତ୍ରକୁ ସଂଘ ବିରୋଧ କରୁଛି। ପ୍ରଶାସନ ତୁରନ୍ତ ପଦକ୍ଷେପ ନ ନେଲେ ସଂଘ ଅଦାଲତଙ୍କ ଦ୍ୱାରସ୍ଥ ହେବ ବୋଲି ସାହୁ କହିଛନ୍ତି। ଆବାହକ ସାହୁଙ୍କ ସମେତ ସଭାପତି ବିଶ୍ୱଜିତ ପ୍ରଧାନ, କର୍ଣ୍ଣବୀର ମହାପାତ୍ର, ସୁରେଶ ମହାପାତ୍ର, ସୂର୍ଯ୍ୟନାରାୟଣ ଦାଶ, ଭାଗବତ ପଟ୍ଟନାୟକ, ଅଶୋକ କୁମାର ସ୍ୱାଇଁ, ଦେବାଶିଷ ଦାଶ, ଶୁଭାଶିଷ ମହାନ୍ତି ଓ ଶାଶ୍ୱତ ମୋହନ ଦାଶ ପ୍ରମୁଖ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହାପରେ ସମ୍ପୃକ୍ତ ଜମିର ସ୍ଥିତାବସ୍ଥା ସମ୍ପର୍କରେ ରିପୋର୍ଟ ଦେବାକୁ ତହସିଲଦାରଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ମନ୍ଦିର ନିର୍ମାଣ ଜାଗା ସରକାରୀ ହୋଇଥିବା ଅଭିଯୋଗ ଉପରେ ପୂର୍ବରୁ ରାଜସ୍ୱ ନିରୀକ୍ଷକଙ୍କ ପକ୍ଷରୁ ନୋଟିସ ଜାରି ହୋଇଥିଲା। ସେଠାରେ ନିର୍ମାଣ ବେଆଇନ ଦର୍ଶାଇ ଅଭିଯୋଗ ଆସିବା ପରେ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଗୋପ ତହସିଲଦାର ତଦନ୍ତ କରୁଛନ୍ତି। ତଦନ୍ତ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ ବର୍ମା ସୂଚନା ଦେଇଛନ୍ତି।



ପୁରୀ ଜିଲ୍ଲା ଯୁବ ଅଧିବକ୍ତା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

## ୨୬ରୁ ନବମ ଛାତ୍ରୀଛାତ୍ରଙ୍କ ପରୀକ୍ଷା

**କଟକ,୧୮।୧୧**

ନବମ ଶ୍ରେଣୀ ଛାତ୍ରୀଛାତ୍ରମାନେ ଆସନ୍ତା ୨୬ତାରିଖରୁ ୨୯ତାରିଖ ପର୍ଯ୍ୟନ୍ତ ଅଫଲାଇନ୍‌ରେ ପରୀକ୍ଷା ଦେବେ। ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍‌ଇ)ଓଡ଼ିଶା ପକ୍ଷରୁ ଏନେଇ ଗୁରବାର ନୋଟିସ ପ୍ରକାଶ ପାଇଛି। କୋଭିଡ୍ ଗାଇଡ୍‌ଲାଇନ ଅନୁସାରେ ପରୀକ୍ଷା ହେବ ବୋଲି ସୂଚନା ଦିଆଯାଇଛି। ନଭେମ୍ବର ୨୩ତାରିଖରେ କଟକ ବିଏସ୍‌ଇ ପକ୍ଷରୁ ପ୍ରଶ୍ନପତ୍ର ଓ ପରୀକ୍ଷା ଉପକରଣ ଯୋଗାଇ ଦିଆଯିବ। ସମସ୍ତ ଜିଲାର ଶିକ୍ଷାଧିକାରୀମାନେ ୨୪ତାରିଖରେ ନୋଡାଲ ସେଣ୍ଟରରୁ ଏହି ପ୍ରଶ୍ନପତ୍ରକୁ ପରୀକ୍ଷା କେନ୍ଦ୍ରଗୁଡ଼ିକୁ ଆଣିବାରେ ତଦାରଖ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଉପକରଣଗୁଡ଼ିକ ଗୋଟିଏ ଥରରେ କିମ୍ବା ପ୍ରତି ପରୀକ୍ଷା ଦିନ ପହଞ୍ଚିବ ଏନେଇ ମଧ୍ୟ ଜିଲାର ଶିକ୍ଷାଧିକାରୀମାନେ ପରୀକ୍ଷା କେନ୍ଦ୍ରର ସୁରକ୍ଷାକୁ ନେଇ ନିଷ୍ପତ୍ତି ନେବେ। ଜିଲା ପରୀକ୍ଷା ପରିଚାଳନା ପ୍ରକ୍ରିୟାର ନିରୀକ୍ଷଣ ପାଇଁ ଜିଲା କିମ୍ବା ବ୍ଲକ ଅଧିକାରୀଙ୍କୁ ନିୟୋଜିତ କରାଯିବ। ପ୍ରତ୍ୟେକ ଦିନର ରିପୋର୍ଟକୁ transfer222@gmail.comରେ ମେଲ କରିବେ। ସମସ୍ତ ବିଦ୍ୟାଳୟର ମୁଖ୍ୟ ସୂଚନାପତ୍ର, ଉପସ୍ଥାନ,ପ୍ୟାକେଟ୍ ସ୍ଲିପ୍ ଓ ମୂଲ୍ୟାଙ୍କନ ସ୍କିମ୍‌କୁ ବୋର୍ଡ ପକ୍ଷରୁ ଦିଆଯାଇଥିବା ୱେବ୍‌ସାଇଟ୍‌ରୁ ଡାଉନଲୋଡ଼ କରିବାକୁ ନିର୍ଦ୍ଦେଶ ରହିଛି।



କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ଗୁରୁବାର ଲିଙ୍ଗରାଜ ମନ୍ଦିର ସମ୍ମୁଖରେ ଶିଳ୍ପୀମାନେ ଶିବଙ୍କ ଉପରେ ରଙ୍ଗୋଲି ପ୍ରସ୍ତୁତ କରୁଛନ୍ତି।

# ସବୁଜ ବୋଇତରେ ସଚେତନତା ବାର୍ତ୍ତା

**ପୁରୁଣା ଭୁବନେଶ୍ୱର, ୧୮।୧୧(ଡି.ଏନ୍.ଏ.)**

ଶୁକ୍ରବାର ପବିତ୍ର କାର୍ତ୍ତିକ ପୂର୍ଣ୍ଣମୀ। ଉତ୍କଳୀୟ ପରମ୍ପରାରେ ଡ଼ଙ୍ଗା ଭସାଇବା ଓ ବୋଇତ ବନ୍ଦାଣର ଦିନ। ଅତୀତରେ ସାଧବ ପୁଅର ନୌବାଣିଜ୍ୟ ସ୍ମୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ପରିବେଶବିତ୍ ସୁଶାନ୍ତ ସାହୁ ବୋଇତରେ ଏକ ବଳିଷ୍ଠ ବାର୍ତ୍ତା ଦେବା ପାଇଁ ପ୍ରୟାସ କରିଛନ୍ତି। ବାଉଁଶ, କାଠ ଓ ସୂତା, ରଙ୍ଗ ଆଦିକୁ ବ୍ୟବହାର କରି ତିଆରିଛନ୍ତି ଏକ ସବୁଜ ବୋଇତ। ବୋଇତ ଉପରେ ଓଡ଼ିଆ ଭାଷାରେ ରହିଛି 'ଆସ ତିଆରିବା ହେନ୍ତାଳ ବଣ, ଏ ନେଇ ସମସ୍ତେ କରିବା ପଣ, ରହିବା ସୁରକ୍ଷିତ ସଭିଏଁ ଜାଣ' ସ୍ଲୋଗାନ। ଜଳବାୟୁ ପରିବର୍ତ୍ତନ ଯୋଗୁ ପୃଥିବୀ ତାପମାତ୍ରାରେ ଅସ୍ୱାଭାବିକ ପରିବର୍ତ୍ତନ ସମଗ୍ର ମାନବ ସମାଜ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବାକୁ ଯାଉଛି। ସମୁଦ୍ର ଉପକୂଳରେ ରହିଥିବା ଛୋଟ ବଡ଼ ସହର ଏବଂ ଗ୍ରାମଗୁଡ଼ିକ ସମୁଦ୍ର ଗର୍ଭରେ ଲୀନ ହୋଇଯିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ତେବେ ଏ ବିପଦକୁ କେବଳ ପରିବେଶ ସୁରକ୍ଷା ମାଧ୍ୟମରେ ଟାଳି ହେବ ବୋଲି ସୁଶାନ୍ତ କହିଛନ୍ତି। ସାମୁଦ୍ରିକ ଅବକ୍ଷୟ ଏବଂ ବାତ୍ୟା ରୋକିବାକୁ ବ୍ୟାପକ ହେନ୍ତାଳ ବଣର ଆବଶ୍ୟକତା ରହିଛି। ଏ ଦିଗରେ ଜନସଚେତନତା ଆବଶ୍ୟକ ବୋଲି କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ବୋଇତରେ ସାହୁ ବାର୍ତ୍ତା ଦେଇଛନ୍ତି।




ପରିବେଶବିତ୍ ସୁଶାନ୍ତ ସାହୁ ତିଆରି କରିଥିବା ସବୁଜ ବୋଇତ।

## ଶ୍ରମଦାନ ସପ୍ତାହ ଆରମ୍ଭ

ଭୁବନେଶ୍ୱର,୧୮।୧୧(ବ୍ୟୁରୋ) ଜାତୀୟ ସେବା ଯୋଜନା(ଏନ୍‌ଏସ୍‌ଏସ୍) ଆନୁକୂଲ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଶ୍ରମଦାନ ସପ୍ତାହ ଆରମ୍ଭ ହୋଇଯାଇଛି। ସ୍ୱଚ୍ଛ ଭାରତ ଅଭିଯାନ ଅନ୍ତର୍ଗତ ସଫେଇ କାର୍ଯ୍ୟକ୍ରମର ସଫଳତା ନିମନ୍ତେ ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ସହ ଭୂତତ୍ତ୍ୱ ବିଭାଗର ଦ୍ୱିତୀୟ ବର୍ଷ ସ୍ନାତକୋତ୍ତର ଛାତ୍ରୀଛାତ୍ର ମିଶି ପରିସର ସଫେଇ କରିଛନ୍ତି। ପ୍ରୋଗ୍ରାମ ଅଫିସର ଡ.କୀର୍ତ୍ତିରଞ୍ଜନ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ବିଭାଗର ସବୁ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଏନ୍‌ଏସ୍‌ଏସ୍‌ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଡ. ମଲ୍ଲିକ ଓ ସହକାରୀ ପ୍ରଫେସର ଡ. ଶାନ୍ତି ସ୍ୱରୂପ ସାହୁ କହିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଡ. ବ୍ରଜ ନାରାୟଣ ପାତ୍ରଙ୍କ ସମେତ ଗବେଷଣାରତ ଛାତ୍ର ଜିତୁନନ୍ଦନ ପ୍ରଧାନ, ଭବାନୀ ଶଙ୍କର ସେଠୀ,ପ୍ରଭାତ ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ: ଶିକ୍ଷକ ଅଟକ

**ଭୁବନେଶ୍ୱର,୧୮।୧୧(ବ୍ୟୁରୋ):** ନୀଳାଦ୍ରି ବିହାରର ଜଣେ ନବମ ଶ୍ରେଣୀର ଛାତ୍ରୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଜଣେ ଶିକ୍ଷକଙ୍କୁ ଚନ୍ଦ୍ରଶେଖରପୁର ପୋଲିସ ଅଟକ ରଖିଛି। ଶିକ୍ଷକ ଜଣକ ଶୈଳଶ୍ରୀ ବିହାର ଅଞ୍ଚଳରେ ଥିବା ଏକ କୋଚିଂ ସେଣ୍ଟରେ ପଢାନ୍ତି। ଛାତ୍ରୀଙ୍କୁ ସେ ଅଶାଳୀନ ବ୍ୟବହାର କରିବା ଅଭିଯୋଗ ହେବା ପରେ ଅଭିଭାବକ ଓ ସମ୍ପର୍କୀୟମାନେ ଗୁରୁବାର ଉକ୍ତ କୋଚିଂ ସେଣ୍ଟରକୁ ଯାଇ ତାଙ୍କୁ ନିର୍ଘୁମ ମାଡ଼ ମାରିଥିଲେ। ଖବର ପାଇ ପୋଲିସ ସେଠାରେ ପହଞ୍ଚିବା ସହ ଶିକ୍ଷକଙ୍କୁ ଉଦ୍ଧାର କରିଥିଲା। ପରେ ଥାନାକୁ ଆଣି ଶିକ୍ଷକଙ୍କୁ ପଚରାଉଚରା କରୁଛି। ଅପରପକ୍ଷରେ ଏଭଳି ଘଟଣାକୁ ଶିକ୍ଷକ ଜଣକ ଅସ୍ୱୀକାର କରିଥିବାବେଳେ ପୋଲିସ ଉକ୍ତ କୋଚିଂ ସେଣ୍ଟରର ମାଲିକଙ୍କୁ ପଚରାଉଚରା କରି ଅଧିକ ତଦନ୍ତ ଚଳାଇଛି। ଏନେଇ ଚନ୍ଦ୍ରଶେଖରପୁର ଥାନା ଅଧିକାରୀଙ୍କ କହିବା କଥା, ଛାତ୍ରୀଙ୍କ ଅଭିଭାବକଙ୍କ ଅଭିଯୋଗକ୍ରମେ ଶିକ୍ଷକଙ୍କୁ ଥାନାରେ ଅଟକ ରଖାଯାଇ ପଚରାଉଚରା କରାଯାଉଛି। ତେବେ ତାଙ୍କ ନାମରେ କୌଣସି ମାମଲା ରୁଜୁ ହୋଇ ନ ଥିବା ସେ କହିଛନ୍ତି।

## ଅକ୍ଷୟ ସାହିତ୍ୟ, ସଙ୍ଗୀତ ସମ୍ମାନ ପ୍ରଦାନ

**ଭୁବନେଶ୍ୱର,୧୮।୧୧(ବ୍ୟୁରୋ):** 'ସଂସ୍କୃତି ଓ ସଂସ୍କୃତି' ଏବଂ ଓଡ଼ିଶା ସିନେ କ୍ରିଟିକ୍ ଆସୋସିଏଶନ ପକ୍ଷରୁ ବୁଦ୍ଧ ମନ୍ଦିର ପ୍ରେକ୍ଷାଳୟରେ ଅକ୍ଷୟ ସ୍ମୃତି ଉତ୍ସବ ଆୟୋଜିତ ହୋଇଛି। ଏହି ଅବସରରେ ଲେଖିକା ଡ. ଗାୟତ୍ରୀବାଳା ପଣ୍ଡାଙ୍କୁ 'ଅକ୍ଷୟ ସାହିତ୍ୟ' ସମ୍ମାନ ଓ କଣ୍ଠଶିଳ୍ପୀ ଡ. ଆଦ୍ୟାଶା ଦାସଙ୍କୁ 'ଅକ୍ଷୟ ସଂଗୀତ' ସମ୍ମାନ ପ୍ରଦାନ କରାଯାଇଛି। କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ, ଲେଖିକା ଡ. ପ୍ରତିଭା ରାୟ, ସଂସ୍କୃତି ବିଭାଗର ଶାସନ ସଚିବ ରଞ୍ଜନ କୁମାର ଦାସ ଓ 'କାଦମ୍ବିନୀ'ର ସମ୍ପାଦିକା ଡ. ଇତିରାଣୀ ସାମନ୍ତ ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ। ଅକ୍ଷୟ ମହାନ୍ତି କେବଳ ଜଣେ କାଳଜୟୀ ସଙ୍ଗୀତ ସ୍ରଷ୍ଟା ନ ଥିଲେ, ସାହିତ୍ୟ କ୍ଷେତ୍ରକୁ ତାଙ୍କ ଅବଦାନ ଅବିସ୍ମରଣୀୟ ବୋଲି ବକ୍ତାମାନେ ମତପ୍ରକାଶ କରିଛନ୍ତି।

## 'କୌନ ବନେଗା କରୋଡ଼ପତି' କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ନେଇ ପ୍ରଶ୍ନ

**ଭୁବନେଶ୍ୱର,୧୮।୧୧(ବ୍ୟୁରୋ)**

ସୋନି ଏଣ୍ଟରଟେନ୍‌ମେଣ୍ଟ ଚ୍ୟାନେଲର ଗୁରୁବାର ରାତ୍ରିରେ ପ୍ରସାରିତ 'କୌନ ବନେଗା କରୋଡ଼ପତି'ରେ ଦ୍ୱିତୀୟଥର ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ନେଇ ପ୍ରଶ୍ନ ପଚରାଯାଇଛି। କାର୍ଯ୍ୟକ୍ରମ ସଞ୍ଚାଳନରେ ଥିବା ଦେଶର ଲୋକପ୍ରିୟ ଅଭିନେତା ଅମିତାଭ ବଚ୍ଚନ ଗତ ଜୁଲାଇରେ କ୍ୟାବିନେଟ ଅଦଳବଦଳ ହେବା ପରେ କିଏ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ହୋଇଛନ୍ତି ବୋଲି ପ୍ରଶ୍ନ କରିଥିଲେ। ପ୍ରଶ୍ନର ୪ଟି ସମ୍ଭାବ୍ୟ ଉତ୍ତରରେ ରମେଶ ପୋଖରିୟାଲ, ସ୍ମୃତି ଇରାନୀ, ପ୍ରହ୍ଲାଦ ଜୋଷୀ ଏବଂ ଧର୍ମେନ୍ଦ୍ର ପ୍ରଧାନଙ୍କ ନାମ ରହିଥିଲା। ଉତ୍ତରରେ ହଟ୍ ସିଟରେ ବସିଥିବା ଉତ୍ତରପ୍ରଦେଶ ଲକ୍ଷ୍ନୌର ଛାତ୍ର ମାନସ ଅନିଲ ଗାଏକ୍ୱାଡ଼ ଧର୍ମେନ୍ଦ୍ର ପ୍ରଧାନ ଶିକ୍ଷାମନ୍ତ୍ରୀ ଭାବରେ ଦାୟିତ୍ୱ ନେଇଥିବା ଠିକ୍ ଉତ୍ତର ଦେଇଥିଲେ। ପରେ ଅମିତାଭ୍ ବଚ୍ଚନ ଧର୍ମେନ୍ଦ୍ର ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଥିବା କହିଥିଲେ। ପୂର୍ବରୁ ସେପ୍ଟେମ୍ବର ୩୦ରେ ଏହି କାର୍ଯ୍ୟକ୍ରମରେ ଅମିତାଭ ବଚ୍ଚନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଫଟୋ ଦେଖାଇ ସେ କେଉଁ ନାମରେ ପରିଚିତ ବୋଲି ହଟ୍ ସିଟରେ ବସିଥିବା ବ୍ୟକ୍ତି ଅଶ୍ୱିନୀ କୁମାର ସିହ୍ନା ପ୍ରଶ୍ନ କରିଥିଲେ।



## ଅରବିନ୍ଦ, ତାରିଣୀ ବସ୍ତିରେ ଉଚ୍ଛେଦ

**ଭୁବନେଶ୍ୱର, ୧୮।୧୧ (ବ୍ୟୁରୋ):** ଭୁବନେଶ୍ୱରର ଏକର ଏକର ସରକାରୀ ଜାଗା ଏବେ ମଧ ଜବରଦଖଲରେ ରହିଛି। ଗୁରୁବାର ବିଏମ୍‌ସି, ବିଡିଏ, ସ୍ମାର୍ଟସିଟି, କମିଶନରେଟ ପୋଲିସର ମିଳିତ ଟିମ୍ ସ୍ଥାନୀୟ ଅରବିନ୍ଦ ବସ୍ତି ଓ ତାରିଣୀ ବସ୍ତିରେ ଉଚ୍ଛେଦ କରିଛି। ହିତାଧିକାରୀଙ୍କ ଘର ଭାଙ୍ଗିବାବେଳେ ବିଡିଏ ଏନଫୋର୍ସମେଣ୍ଟ ଟିମକୁ ବିରୋଧ କରାଯାଇଥିଲା। ବିରୋଧ ସତ୍ତ୍ୱେ ମଧ ସେଠାରେ ଉଚ୍ଛେଦ କରାଯାଇଥିବା ଅଧିକାରୀ କହିଛନ୍ତି। ସୂଚନାଯୋଗ୍ୟ, ପୂର୍ବଯୋଜନା ଅନୁଯାୟୀ ମିଳିତ ଉଚ୍ଛେଦକାରୀ ଦଳ ଗୁରୁବାର ପୂର୍ବାହ୍ନରେ ବସ୍ତି ଉଚ୍ଛେଦ ପାଇଁ ପହଞ୍ଚିଥିଲେ। ହେଲେ ଅରବିନ୍ଦ ବସ୍ତି ଓ ତାରିଣୀ ବସ୍ତିର ବାସିନ୍ଦା ଏହି ଟିମ୍‌କୁ ଜୋରଦାର ବିରୋଧ କରିଥିଲେ। ବହୁ ସମୟ ଯୁକ୍ତିତର୍କ ପରେ ପୋଲିସ ହସ୍ତକ୍ଷେପ କରିଥିଲା। ଉଚ୍ଛେଦରେ ମୋଟ ୭୨ ଘର ମାଟିରେ ମିଶିଥିବାବେଳେ ଆଇନଶୃଙ୍ଖଳା ପରିସ୍ଥିତି ପାଇଁ କମିଶନରେଟ ପୋଲିସ ପକ୍ଷରୁ ଏକ ପ୍ଲାଟୁନ ରିର୍ଜଭ ପୋଲିସ ଫୋର୍ସ ଓ ଗୋଟିଏ ସେକ୍ସନ ମହିଳା ପୋଲିସ ମୁତୟନ କରାଯାଇଥିଲା। ଉଚ୍ଛେଦ କାର୍ଯ୍ୟରେ ୨ଟି ଜେସିବି ବ୍ୟବହାର ହୋଇଥିଲା।

# ଏକାଧିକ ବ୍ୟାଙ୍କରୁ ଋଣ ନେଇ ନକଲି ଡାକ୍ତର ଗିରଫ

**କଟକ ଅଫିସ,୧୮।୧୧**

ବାଦାମବାଡି ପୋଲିସ ଜଣେ ନକଲି ଡାକ୍ତରଙ୍କୁ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ କଟକ ସଦର ଅଞ୍ଚଳର ଶ୍ରୀଧର ରାଉତ ଓରଫ ସିଦ୍ଧାର୍ଥ ସ୍ୱୟଂ ରାଉତ ଓରଫ ସିଦ୍ଧାନ୍ତ ସାର୍ଥକ। ତାଙ୍କଠାରୁ ବହୁ ଜାଲ୍ କାଗଜପତ୍ର ଓ ଏକ କାର ଜବତ କରାଯାଇଛି। ସେ ନିଜକୁ ବିହାର ପାଟଣାସ୍ଥିତ ଏମ୍ସରେ କାର୍ଯ୍ୟରତ ଡାକ୍ତର ଦର୍ଶାଇ ଜାଲ୍ କାଗଜପତ୍ର ବଳରେ ଦୁଇଟି କାର ଋଣ ନେଇଥିଲେ। ହେଲେ ବ୍ୟକ୍ତିଗତ ଋଣ ନେବା ତାଙ୍କୁ ମହଙ୍ଗା ପଡିଥିଲା। ଥାନାଧିକାରୀ ରଶ୍ମିରଞ୍ଜନ ମହାପାତ୍ରଙ୍କ ସୂଚନା ଅନୁଯାୟୀ, ଶ୍ରୀଧର ଜଣେ ପେସାଗତ ଠକ। ସେ ୨୦୧୯ରେ ନିଜକୁ ସିଦ୍ଧାର୍ଥ ସ୍ୱୟଂ ରାଉତ ଦର୍ଶାଇ ଭୁବନେଶ୍ୱରର ବ୍ୟାଙ୍କ ଅଫ ବରୋଦାରୁ ଋଣ ନେଇଥିଲେ। ପରେ ଠକେଇ ଅଭିଯୋଗରେ ସେ ଗିରଫ ହୋଇଥିଲେ। ସେ କିଛିଦିନ ତଳେ କାର୍ କିଣିବାକୁ ବକ୍ସିବଜାରସ୍ଥିତ ୟୁନିୟନ ବ୍ୟାଙ୍କରୁ ୧୬ ଲକ୍ଷ ୫୦ ହଜାର ଟଙ୍କା ଉଠାଇଥିଲେ। ଏନେଇ ଆଧାର, ପାନ୍‌କାର୍ଡ, ଆୟକର ଓ ବ୍ୟାଙ୍କ ଷ୍ଟେଟ୍‌ମେଣ୍ଟ ଆଦି ଜାଲ କାଗଜପତ୍ର ପ୍ରସ୍ତୁତ କରି ପଇଠ କରିଥିଲେ। ହେଲେ ସେ କାର ଋଣ ନେବାରେ ସଫଳ ହୋଇଥିଲେ। ସେହିପରି ରାଣୀହାଟସ୍ଥ ବ୍ୟାଙ୍କ ଅଫ ଇଣ୍ଡିଆରୁ ୧୦ଲକ୍ଷ ଟଙ୍କାର କାର ଋଣ ନେଇଥିଲେ। ପରେ ଅନ୍ୟ ବ୍ୟାଙ୍କରେ ବ୍ୟକ୍ତିଗତ ଋଣ ପାଇଁ ଆବେଦନ କରିଥିଲେ। ପରେ କୌଣସି ବ୍ୟାଙ୍କରେ ଋଣ ଶୁଝୁ ନ ଥିଲେ। ଫଳରେ ଧିରେ ଧିରେ ବିଭିନ୍ନ ବ୍ୟାଙ୍କ କର୍ତ୍ତୃପକ୍ଷ ତାଙ୍କୁ ସନ୍ଦେହ କରିବାରେ ଲାଗିଲେ। ଏନେଇ କଟକ ବକ୍ସିବଜାରସ୍ଥିତ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର ମୁଖ୍ୟ ପରିଚାଳକ ଦୋଳମଣି ବେହେରା ଗତ ୧୬ ତାରିଖରେ ବାଦାମବାଡି ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା(ନଂ.୩୩୭/୨୧) ରୁଜୁ କରି ତଦନ୍ତ ଚଳାଇଥିଲା।

## କବି ରାଜେନ୍ଦ୍ର କିଶୋର ପଣ୍ଡା ପାଇଲେ 'ରାଷ୍ଟ୍ରୀୟ କୁଭେମ୍ପୁ ପୁରସ୍କାର'

**ଭୁବନେଶ୍ୱର, ୧୮।୧୧ (ବ୍ୟୁରୋ):** ଭାରତୀୟ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କବି ଡ. ରାଜେନ୍ଦ୍ର କିଶୋର ପଣ୍ଡାଙ୍କୁ 'ରାଷ୍ଟ୍ରୀୟ କୁଭେମ୍ପୁ ପୁରସ୍କାର' ପ୍ରଦାନ କରାଯାଇଛି। ୨୦୨୦ ମସିହା ପାଇଁ ବେଙ୍ଗାଲୁରୁସ୍ଥିତ ରାଷ୍ଟ୍ରକବି କୁଭେମ୍ପୁ ପ୍ରତିଷ୍ଠାନମ୍ ପକ୍ଷରୁ ଡ. ପଣ୍ଡାଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ଏହି ପୁରସ୍କାର ଦିଆଯାଇଛି। ପୁରସ୍କାର ବାବଦରେ ଡ. ପଣ୍ଡା ୫ଲକ୍ଷ ଟଙ୍କାର ଚେକ୍ ସମେତ ଅଙ୍ଗବସ୍ତ୍ର ଓ ଉପଢୌକନ ଗ୍ରହଣ କରିଛନ୍ତି। କୋଭିଡ୍ କାରଣରୁ ପୁରସ୍କାର ପ୍ରଦାନ ଉତ୍ସବ ବେଙ୍ଗାଲୁରୁରେ ଆୟୋଜିତ ହେବା ପରିବର୍ତ୍ତେ କବିଙ୍କୁ ତାଙ୍କ ବାସଭବନରେ ପ୍ରଦାନ କରାଯାଇଥିଲା। ଏଥିରେ ପ୍ରତିଷ୍ଠାନର କାର୍ଯ୍ୟକର୍ତ୍ତା ମନୁଦେବ ଦିୱାନୀ, କବି ପ୍ରଫେସର ଡ.ଏଚ୍.ଏସ୍. ଶିବପ୍ରକାଶ, ଅନୁବାଦକ ଡ. ରବୀନ୍ଦ୍ର କୁମାର ସ୍ୱାଇଁ, ସୂର୍ଯ୍ୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# କରୋନା ପଜିଟିଭ ସତ୍ତ୍ୱେ ବାହାରେ ବୁଲୁଛନ୍ତି ସୁର

**ଭୁବନେଶ୍ୱର,୧୮।୧୧(ବ୍ୟୁରୋ)**

କଂଗ୍ରେସର ବରିଷ୍ଠ ନେତା ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ(ସୁର) ବୁଧବାର କୋଭିଡ୍ ପଜିଟିଭ ଚିହ୍ନଟ ହୋଇଛନ୍ତି। ନିୟମ ଦୃଷ୍ଟିରୁ ସେ ୧୪ ଦିନ କ୍ୱାରାଣ୍ଟାଇନ୍‌ରେ ରହିବା କଥା। ହେଲେ ପଜିଟିଭ ହେବାର ଦିନକ ପରେ ସୁର କୌଣସି ନିୟମକୁ ନ ମାନି ସର୍ବସାଧାରଣରେ ବୁଲିବା ଚର୍ଚ୍ଚାର ବିଷୟ ପାଲଟିଛି। ଗୁରୁବାର ତାଙ୍କୁ ମାସ୍କ ପିନ୍ଧା ଅବସ୍ଥାରେ ସୂଚନା ଭବନ ନିକଟ ଏକ ଖଟିରେ ବସିଥିବା ଦେଖିବାକୁ ମିଳିଥିଲା। ଏନେଇ ତାଙ୍କୁ ପଚାରିବାରେ ସେ ଲକ୍ଷେ ୨୨ହଜାର ଟଙ୍କାର ଇଞ୍ଜେକ୍ସନ ନେଇଛନ୍ତି। ଏହାଦ୍ୱାରା ତାଙ୍କ ଭିତରେ ଥିବା କରୋନା ଭୂତାଣୁ ସମ୍ପୂର୍ଣ୍ଣ ସଫା ହୋଇଯିବ। ଏପରି କି ତାଙ୍କ ଦ୍ୱାରା କେହି ହେଲେ ମଧ୍ୟ ଆକ୍ରାନ୍ତ ହେବେ ନାହିଁ ଯୁକ୍ତି ବାଢ଼ିଛନ୍ତି। ସୁରଙ୍କ ଏଭଳି ମନ୍ତବ୍ୟକୁ ନେଇ ସବୁଆଡ଼େ ଚର୍ଚ୍ଚା ଜୋର ଧରିଛି। ମିଳିଥିବା ସୂଚନା ଅନୁଯାୟୀ ସୁରଙ୍କ ସ୍ତ୍ରୀ ମଧ କରୋନା ପଜିଟିଭ୍ ଅଛନ୍ତି।





ବେଙ୍ଗାଲୁରୁସ୍ଥିତ ରାଷ୍ଟ୍ରକବି କୁଭେମ୍ପୁ ପ୍ରତିଷ୍ଠାନମ୍ ପକ୍ଷରୁ ଭୁବନେଶ୍ୱରସ୍ଥିତ ବାସଭବନରେ କବି ଡ. ରାଜେନ୍ଦ୍ର କିଶୋର ପଣ୍ଡାଙ୍କୁ 'ରାଷ୍ଟ୍ରୀୟ କୁଭେମ୍ପୁ ପୁରସ୍କାର' ପ୍ରଦାନ କରାଯାଉଛି।



କାର୍ତ୍ତିକ ପୂର୍ଣ୍ଣିମା ପାଇଁ ଭୁବନେଶ୍ୱର ୟୁନିଟ୍-୧ ମାର୍କେଟରେ ବିକ୍ରି ପାଇଁ ରହିଥିବା ଡଙ୍ଗା।




ରମାଦେବୀ ମହାବିଦ୍ୟାଳୟ ମହାବୀର ପୂଜା ମଣ୍ଡପ ରୋଡ୍‌ରେ ଗୁରୁବାର ଏବିଭିପି ପକ୍ଷରୁ ରାଣୀ ଲକ୍ଷ୍ମୀବାଇ ଜୟନ୍ତୀ ପାଳନ ଅବସରରେ 'ଋତୁମତି ଅଭିଯାନ'ର ଶୁଭାରମ୍ଭ କରାଯାଉଛି।

ଧରିତ୍ରୀ DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୯ ନଭେମ୍ବର ୨୦୨୧



## ଆଜି କ'ଣ କେଉଁଠି

କଟକ
- ସରଳା ଦେବୀ-ଭାଗୀରଥି ମହାପାତ୍ର ଟ୍ରଷ୍ଟ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ଅମିତାଭ ମହାପାତ୍ରଙ୍କ ଜନ୍ମ ଶତବାର୍ଷିକୀ ସମାରୋହ, ସ୍ୱରାଜ ଆଶ୍ରମ, ପୂର୍ବାହ୍ନ ୧୧ଟା ।

ତିଗିରିଆ
- ଅଷ୍ଟମ ପ୍ରହର ନାମଯଜ୍ଞ, କଳିବୀର ଗ୍ରାମ ନୂଆସାହି, ସକାଳ ୬ଟା ।

## ଅଭିଯୋଗ ଶୁଣିଲେ ବିଧାୟକ

କଟକ ଅଫିସ, ୧୮।୧୧- ସିଡିଏ ଅଞ୍ଚଳର ରାସ୍ତାଘାଟ ଓ ଡ୍ରେନେଜ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଷ୍ଟ୍ରିଟ୍ ଲାଇଟ୍ କାମ କରୁ ନ ଥିବାରୁ ଅଧିକାଂଶ ଅଞ୍ଚଳ ଅନ୍ଧକାର ରହୁଛି। ସେହିପରି ମଶା ନିରାକରଣରେ ଅନିୟମିତତା ପ୍ରଦର୍ଶନ ଓ ନିୟମିତ ସଫେଇ କରାଯାଉନାହିଁ। ଦୀର୍ଘ ୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ସିଡିଏ ବାସିନ୍ଦା ପ୍ଲଟ୍ କିଣି ଘର କରି ରହୁଛନ୍ତି। ଜମି ଫ୍ରି ହୋଲ୍ଡ ପାଇଁ ସେମାନେ ଦାବି କରି ଆସୁଥିଲେ ମଧ କେହି କର୍ଣ୍ଣପାତ କରୁନାହାନ୍ତି। ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ଗୁରୁବାର ସିଡିଏ-ମର୍କତନଗର ଅଞ୍ଚଳ ପରିଦର୍ଶନ ସମୟରେ ସ୍ଥାନୀୟ ବାସିନ୍ଦା ଏଭଳି ଅଭିଯୋଗ ଜଣାଇଥିଲେ। ଏ ଦିଗରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ବିଧାୟକ ମୋକିମ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ସିଡିଏର ପ୍ରତ୍ୟେକ ସେକ୍ଟରରେ ବରିଷ୍ଠ ନାଗରିକଙ୍କ ନିମନ୍ତେ କମ୍ୟୁନିଟି ସେଣ୍ଟର ନିର୍ମାଣ ପାଇଁ ସରକାରଙ୍କ ନିକଟରେ ପ୍ରସ୍ତାବ ରଖିବେ ବୋଲି ବିଧାୟକ କହିଥିଲେ। ବିଧାୟକଙ୍କ ପରିଦର୍ଶନ ସମୟରେ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା, ଶୈଳବାଳା ଜେନା, ନିତ୍ୟାନନ୍ଦ ରାଉତରାୟ, ଆର୍ଯ୍ୟବୀର ଲେଙ୍କା, ଗୌତମ ପଣ୍ଡା, ଧରଣୀଧର ପଟ୍ଟନାୟକ, ନିତ୍ୟାନନ୍ଦ ମିଶ୍ର, ଚିତ୍ତ ପରିଡା, ରବି ମିଶ୍ର, ମୌସୁମୀ ଘୋଷ ପ୍ରମୁଖ ଉପସ୍ଥିତ ଥିଲେ।

## ଫେରାର ଅଭିଯୁକ୍ତ ଗିରଫ

କଟକ ଅଫିସ,୧୮।୧୧: ଆକ୍ରମଣ ଘଟଣାରେ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ମଧୁପାଟଣା ପୋଲିସ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ମଙ୍ଗଳା ବସ୍ତିର ଅଭି ନାୟକ(୩୫)। କିଛିଦିନ ତଳେ ସେ ଜଣେ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଏନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା। ତାଙ୍କ ନାମରେ ଏକାଧିକ ଆପରାଧିକ ମାମଲା ରହିଥିବା ଆଇଆଇସି ତୁଷାରକାନ୍ତ ସେଠୀ କହିଛନ୍ତି।

## ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକାରିତା ସମ୍ପର୍କିତ କର୍ମଶାଳା

ଚୌଦ୍ୱାର,୧୮।୧୧(ଡି.ଏନ୍.ଏ.)- ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଞ୍ଚଳରେ ଥିବା ଆଉ ୧୨ଟି ବିଦ୍ୟାଳୟର ରୂପାନ୍ତରଣ ପାଇଁ ନିର୍ଦ୍ଦେଶାବଳୀ ଜାରି କରାଯାଇଛି।। ଏହି ବିଦ୍ୟାଳୟଗୁଡ଼ିକର ନିର୍ମାଣ କାର୍ଯ୍ୟ, ଶିକ୍ଷାଦାନ ପ୍ରକ୍ରିୟା ଓ ଯୋଜନା କାର୍ଯ୍ୟକାରିତା ସମ୍ପର୍କରେ ସୂଚନା ଦେବା ଲକ୍ଷ୍ୟରେ ସ୍ଥାନୀୟ କଳିଙ୍ଗ ବିଦ୍ୟାପୀଠରେ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଗୌତମ କୁମାର ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷାଧିକାରୀ ନରେନ୍ଦ୍ର ବେହେରା, ଅସୀମ ମଲ୍ଲିକ ପ୍ରମୁଖ ଯୋଗଦେଇ ବିଦ୍ୟାଳୟଗୁଡ଼ିକର ରୂପାନ୍ତରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଓ ଏହାର କାର୍ଯ୍ୟକାରିତା ସମ୍ପର୍କରେ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନଙ୍କୁ ସୂଚନା ଦେଇଥିଲେ। ଏଥିରେ ୧୨ଟି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇଥିଲେ। ଶିକ୍ଷକ ପ୍ରଦୀପ୍ତ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଶପଥ ପାଠ ଉତ୍ସବ

କଟକ ଅଫିସ, ୧୮।୧୧- ସିଡିଏ ଡିଏଭି ବିଦ୍ୟାଳୟ ପରିସରରେ ଚଳିତ ଶିକ୍ଷାବର୍ଷ ନିମନ୍ତେ ବିଦ୍ୟାଳୟ କ୍ୟାବିନେଟର ଶପଥ ପାଠ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ଅଧକ୍ଷା ନମିତା ମହାନ୍ତି ଯୋଗଦେଇ କହିଥିଲେ, ଆତ୍ମବିଶ୍ୱାସ, ଆତ୍ମସମୀକ୍ଷା ଏବଂ ବ୍ୟକ୍ତିଗତ ସଚେତନତା ଦ୍ୱାରା ପ୍ରତ୍ୟେକ ପିଲା ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବେ। ବିଦ୍ୟାଳୟର ମର୍ଯ୍ୟାଦା ରକ୍ଷା କରିବା ସହ ଶୃଙ୍ଖଳା ଓ ନିଷ୍ଠାପର ଭାବରେ କାର୍ଯ୍ୟ କରିବାକୁ ଛାତ୍ରୀଛାତ୍ରମାନଙ୍କୁ ସେ ପରାମର୍ଶ ଦେଇଥିଲେ।। ଏହି ଅବସରରେ କମିଟି ଦ୍ୱାରା ମନୋନୀତ ଏକାଦଶ ଶ୍ରେଣୀର ଛାତ୍ର ସାଇସଂକଳ୍ପ ରଥ ହେଡବୟ ଓ ଛାତ୍ରୀ ତମନ୍ନା ମହାନ୍ତି ହେଡଗାର୍ଲ ଭାବେ ଶପଥ ପାଠ କରିଥିଲେ। ସେହିପରି ବିଦ୍ୟାଳୟରେ ପ୍ରଚଳିତ ଥିବା ଋକ୍, ଯଜୁଃ, ସାମ୍ ଓ ଅଥର୍ବ ହାଉସର କ୍ୟାପଟେନ, ଭାଇସ କ୍ୟାପଟେନ୍‌ଙ୍କୁ ଶପଥ ପାଠ କରାଯାଇ ଦାୟିତ୍ୱ ଦିଆଯାଇଥିଲା।

# ଦ୍ୱିତୀୟ ସୂର୍ଯ୍ୟମନ୍ଦିରକୁ ବିରୋଧ

- ସରକାରୀ ଜାଗାରେ ନିର୍ମାଣ ଚାଲିଥିବା ଅଭିଯୋଗ
- ପୁରୀ ଜିଲ୍ଲା ଯୁବ ଅଧିବକ୍ତା ସଂଘ ପକ୍ଷରୁ ବିକ୍ଷୋଭ
- ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ: ଜିଲାପାଳ

ପୁରୀ ଅଫିସ, ୧୮।୧୧

କୋଣାର୍କ ଚନ୍ଦ୍ରଭାଗାରେ ଦ୍ୱିତୀୟ କୋଣାର୍କ ମନ୍ଦିର ନିର୍ମାଣ ନେଇ କେତେକ ସଙ୍ଗଠନ ଉଦ୍ୟମ ଆରମ୍ଭ କରିଥିବାବେଳେ ଏନେଇ ବିବାଦ ଦେଖାଦେଇଛି। ସରକାରୀ ଜାଗା ଉପରେ ଦ୍ୱିତୀୟ ସୂର୍ଯ୍ୟ ମନ୍ଦିର ନିର୍ମାଣକୁ ପୁରୀ ଜିଲ୍ଲା ଯୁବ ଅଧିବକ୍ତା ସଂଘ ବିରୋଧ କରିଛି। ଏ ନେଇ ସଂଘ ପକ୍ଷରୁ ଗୁରୁବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। ସଂଘ କର୍ମକର୍ତ୍ତା କହିଛନ୍ତି, ବିଶ୍ୱର ସପ୍ତାଶ୍ଚାର୍ଯ୍ୟ ମଧ୍ୟରୁ କୋଣାର୍କ ଅନ୍ୟତମ। କୋଣାର୍କ ସୂର୍ଯ୍ୟ ମନ୍ଦିରକୁ ବ୍ଲାକ୍ ପାଗୋଡ଼ା ମଧ୍ୟ କୁହାଯାଏ ଏବଂ ଏହି ମନ୍ଦିର ଓଡ଼ିଶାର କୋଟି କୋଟି ଜନସାଧାରଣଙ୍କ ଭାବାବେଗ ସହିତ ଜଡ଼ିତ। ତେଣୁ ଉକ୍ତ ଅଞ୍ଚଳରେ ଦ୍ୱିତୀୟ ସୂର୍ଯ୍ୟମନ୍ଦିର ନିର୍ମାଣର ଆବଶ୍ୟକତା ନାହିଁ। ସୂର୍ଯ୍ୟ ମନ୍ଦିର ନିର୍ମାଣ କାମ ବନ୍ଦ କରିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଯୁବ ଅଧିବକ୍ତା ସଂଘ ଦାବି କରିଛି। ସଂଘର ଆବାହକ ଆଇନଜୀବୀ ଅନିଲ କୁମାର ସାହୁ କହିଛନ୍ତି, ଦ୍ୱିତୀୟ କୋଣାର୍କ ନିର୍ମାଣ ଦିଗରେ ଜମି ମାଫିଆଙ୍କ ଷଡ଼ଯନ୍ତ୍ର ରହିଛି। କୋଣାର୍କର ସ୍ୱତନ୍ତ୍ରତା କ୍ଷୁର୍ଣ୍ଣ କରିବା ପାଇଁ ହେଉଥିବା ଷଡ଼ଯନ୍ତ୍ରକୁ ସଂଘ ବିରୋଧ କରୁଛି। ପ୍ରଶାସନ ତୁରନ୍ତ ପଦକ୍ଷେପ ନ ନେଲେ ସଂଘ ଅଦାଲତଙ୍କ ଦ୍ୱାରସ୍ଥ ହେବ ବୋଲି ସାହୁ କହିଛନ୍ତି। ଆବାହକ ସାହୁଙ୍କ ସମେତ ସଭାପତି ବିଶ୍ୱଜିତ ପ୍ରଧାନ, କର୍ଣ୍ଣବୀର ମହାପାତ୍ର, ସୁରେଶ ମହାପାତ୍ର, ସୂର୍ଯ୍ୟନାରାୟଣ ଦାଶ, ଭାଗବତ ପଟ୍ଟନାୟକ, ଅଶୋକ


ପୁରୀ ଜିଲ୍ଲା ଯୁବ ଅଧିବକ୍ତା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

କୁମାର ସ୍ୱାଇଁ, ଦେବାଶିଷ ଦାଶ, ଶୁଭାଶିଷ ମହାନ୍ତି ଓ ଶାଶ୍ୱତ ମୋହନ ଦାଶ ପ୍ରମୁଖ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହାପରେ ସମ୍ପୃକ୍ତ ଜମିର ସ୍ଥିତାବସ୍ଥା ସମ୍ପର୍କରେ ରିପୋର୍ଟ ଦେବାକୁ ତହସିଲଦାରଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ମନ୍ଦିର ନିର୍ମାଣ ଜାଗା ସରକାରୀ ହୋଇଥିବା ଅଭିଯୋଗ ଉପରେ ପୂର୍ବରୁ ରାଜସ୍ୱ ନିରୀକ୍ଷକଙ୍କ ପକ୍ଷରୁ ନୋଟିସ ଜାରି ହୋଇଥିଲ। ସେଠାରେ ନିର୍ମାଣ ବେଆଇନ ଦର୍ଶାଇ ଅଭିଯୋଗ ଆସିବା ପରେ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଗୋପ ତହସିଲଦାର ତଦନ୍ତ କରୁଛନ୍ତ। ତଦନ୍ତ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ ବର୍ମା ସୂଚନା ଦେଇଛନ୍ତି।

## ଆଜିଠାରୁ ୩ ଦିନିଆ ଓଡିଶା ଗସ୍ତରେ ଏ. ଚେଲ୍ଲାକୁମାର

ଭୁବନେଶ୍ୱର,୧୮।୧୧(ବ୍ୟୁରୋ)

ରାଜ୍ୟ କଂଗ୍ରେସ ପ୍ରଭାରୀ ଏ. ଚେଲ୍ଲାକୁମାର ଶୁକ୍ରବାର ୩ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ତାଙ୍କ ସହ ଏଆଇସିସି ସମ୍ପାଦକ ଜି.ରୁଦ୍ରରାଜୁ ମଧ ଆସିବାର କାର୍ଯ୍ୟକ୍ରମ ରହିଛି। ପ୍ରଥମ ଦିନରେ ସେମାନେ ଭୁବନେଶ୍ୱରସ୍ଥିତ ଆଇ.ଜି ପାର୍କରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ପାଳନ କାର୍ଯ୍ୟକ୍ରମରେ ଯୋଗଦେବେ। ଏହାପରେ କଟକ ଗସ୍ତକରି ମାହାଙ୍ଗା ଡବଲ ମର୍ଡର ଘଟଣାର ପୀଡିତ ପରିବାରଙ୍କୁ ଭେଟି ଗଣମାଧମକୁ ସମ୍ବୋଧନ କରିବେ। ସେଠାରୁ ପ୍ରଭାରୀ ଚେଲ୍ଲାକୁମାର ବାଲେଶ୍ୱର ଗସ୍ତ କରି ଦ୍ୱିତୀୟ ଦିନରେ ବିଭିନ୍ନ ସ୍ଥାନରୁ ଜନଜାଗରଣ ଯାତ୍ରାରେ ସାମିଲ ହେବେ। ଗସ୍ତର ଶେଷ ଦିନରେ ଭୁବନେଶ୍ୱର ଫେରି ସାଂଗଠନିକ ବୈଠକରେ ଯୋଗଦେଇ ଫେରିଯିବେ ବୋଲି ପିପିସି ମିଡିଆ ସେଲ ପକ୍ଷରୁ ସୂଚନା ଦିଆଯାଇଛି।

## ଆକ୍ରମଣରେ ମହିଳା ଗୁରୁତର

କଟକ ଅଫିସ,୧୮।୧୧

ମର୍କତ ନଗର ଥାନା ଅଧୀନ କାଠଯୋଡି ମୁଣ୍ଡା ସାହିରେ ଗୁରୁବାର ଶାନ୍ତିବାଳା ମଣ୍ଡଳ ନାମ୍ନୀ ମହିଳାଙ୍କୁ ଆକ୍ରମଣ କରାଯାଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ସିଟି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ. ୨୩୧/୨୧) ରୁଜୁ କରି ତଦନ୍ତ ଚଳାଇଛି। ଏହି ଘଟଣାରେ ଶାନ୍ତିବାଳାଙ୍କ ସ୍ୱାମୀ ଘନଶ୍ୟାମଙ୍କୁ ପୋଲିସ ଅଟକ ରଖିଛି। ଶାନ୍ତିବାଳା ୨୫ ବର୍ଷତଳେ ଘନଶ୍ୟାମଙ୍କୁ ବିବାହ କରିଥିଲେ। ତାଙ୍କର ୧୭ ଓ ୨୩ ବର୍ଷର ୨ ପୁଅ ଅଛନ୍ତି। ହେଲେ ଘନଶ୍ୟାମ ୧୦ ବର୍ଷ ହେଲା ଜଣେ ଯୁବତୀଙ୍କୁ ଅନ୍ୟଏକ ସ୍ଥାନରେ ରଖିଥିଲେ। ପାରିବାରିକ ବିବାଦକୁ ନେଇ ଗୁରୁବାର ସନ୍ଧ୍ୟାରେ ହଠାତ ସମ୍ପୃକ୍ତା ଯୁବତୀ ଆସି ଶାନ୍ତିବାଳାଙ୍କୁ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ହାତର ୨ଟି ଆଙ୍ଗୁଠି ଭାଙ୍ଗିଯାଇଛି। ଏହି ଘଟଣାର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନା ଅଧିକାରିଣୀ ବିଉଟି ମହାନ୍ତି କହିଛନ୍ତି।

## 'ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ କାର୍ଯ୍ୟ ଶେଷକର'

### ସିଡିଏ ଅଧକ୍ଷଙ୍କ ସମୀକ୍ଷା ବୈଠକ

କଟକ ଅଫିସ, ୧୮।୧୧

ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲର ଉନ୍ନତିକରଣ ଏବଂ ସମ୍ପ୍ରସାରଣ ପ୍ରକଳ୍ପ କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରାଯିବ। ଏଥିସହ ରାଣୀହାଟଠାରୁ ଜାତୀୟ ରାଜପଥ ପର୍ଯ୍ୟନ୍ତ ଦକ୍ଷୀଣପାର୍ଶ୍ୱ ତାଳଦଣ୍ଡା କେନାଲ ରାସ୍ତା କାର୍ଯ୍ୟ ଅଗ୍ରାଧିକାର ଭିତ୍ତିରେ ଶେଷ କରିବାକୁ କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ଅଧକ୍ଷ ଅନିଲ କୁମାର ସାମଲ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏସ୍‌ସିବି ମେଡିକାଲ ଉନ୍ନତୀକରଣ ପ୍ରକଳ୍ପ ସମ୍ପର୍କରେ ଏକ ସମୀକ୍ଷା ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରିଂ ରୋଡ୍ ଓ ଦକ୍ଷୀଣପାର୍ଶ୍ୱ ତାଳଦଣ୍ଡା କେନାଲ ରୋଡ୍‌ଠାରୁ ନୂତନ ଭାବେ ସମ୍ପ୍ରସାରିତ ହୋଇ ଆସୁଥିବା ଦୁଇଟି ପ୍ରଶସ୍ତ ରାସ୍ତା ନିମନ୍ତେ ଜମି ଅଧିଗ୍ରହଣ, ଖାଲି ହୋଇଥିବା ପୋଲିସ କ୍ୱାର୍ଟର୍ସ ଉଚ୍ଛେଦ, ରେଡକ୍ରସ୍ ରକ୍ତଭଣ୍ଡାର ସ୍ଥାନାନ୍ତରଣ ଉପରେ ଆଲୋଚନା ହୋଇଥିଲା। ସେହିପରି ଟିପିସିଓଡିଏଲ୍‌କୁ ଦିଆଯାଇଥିବା ଯୋବ୍ରା ଜଙ୍କସନ୍ ୩୩ କେଭି ଲାଇନର ସ୍ଥାନାନ୍ତରଣ, ବିରୂପା ରେସିଡେନ୍ସି ନିକଟରେ ୩୩ କେଭି/୧୧କେଭି ଲାଇନ୍‌ର ଭୂତଳ କେବୁଲ୍ କାର୍ଯ୍ୟ ଓ ଗ୍ରୀଡ୍ ସବଷ୍ଟେସନ କାର୍ଯ୍ୟକୁ ସାମଲ ସମୀକ୍ଷା କରିଥିଲେ। ଏହାପରେ ମାତୃଭବନ ନିକଟରେ ୱାଟ୍‌କୋ ଓ ଜାଇକା ଦ୍ୱାରା ବିଛାଯାଇଥିବା ପରିମଳ ପାଇପ୍ ଲାଇନ ସ୍ଥାନାନ୍ତର କରିବାକୁ ସାମଲ କହିଥିଲେ। ସେହିପରି ଏସ୍‌ସିବି ଭେଷଜ ମହାବିଦ୍ୟାଳୟ ପରିସରକୁ ବିଜୁଳି ତାର ମୁକ୍ତ କରି ଭୂତଳ କେବୁଲ ବିଛାଇବା କାର୍ଯ୍ୟ ଶୀଘ୍ର ଶେଷ କରିବା ଓ ତାଳଦଣ୍ଡା କେନାଲର ବାମପାର୍ଶ୍ୱରେ ମାଲଗୋଦାମ ନିକଟସ୍ଥ ରାସ୍ତା ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଏମ୍‌ସି କମିଶନର ଅନନ୍ୟା ଦାସ, ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ୱାଟ୍‌କୋର ସାଧାରଣ ପରିଚାଳକ ଦେବବ୍ରତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ୨୬ରୁ ନବମ ଛାତ୍ରୀଛାତ୍ରଙ୍କ ପରୀକ୍ଷା

କଟକ ଅଫିସ,୧୮।୧୧

ନବମ ଶ୍ରେଣୀ ଛାତ୍ରୀଛାତ୍ରମାନେ ଆସନ୍ତା ୨୬ତାରିଖରୁ ୨୯ତାରିଖ ପର୍ଯ୍ୟନ୍ତ ଅଫଲାଇନ୍‌ରେ ପରୀକ୍ଷା ଦେବେ। ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍‌ଇ)ଓଡ଼ିଶା ପକ୍ଷରୁ ଏନେଇ ଗୁରବାର ନୋଟିସ ପ୍ରକାଶ ପାଇଛି। କୋଭିଡ୍ ଗାଇଡ୍‌ଲାଇନ ଅନୁସାରେ ପରୀକ୍ଷା ହେବ ବୋଲି ସୂଚନା ଦିଆଯାଇଛି। ନଭେମ୍ବର ୨୩ତାରିଖରେ କଟକ ବିଏସ୍‌ଇ ପକ୍ଷରୁ ପ୍ରଶ୍ନପତ୍ର ଓ ପରୀକ୍ଷା ଉପକରଣ ଯୋଗାଇ ଦିଆଯିବ। ସମସ୍ତ ଜିଲାର ଶିକ୍ଷାଧିକାରୀମାନେ ୨୪ତାରିଖରେ ନୋଡାଲ ସେଣ୍ଟରରୁ ଏହି ପ୍ରଶ୍ନପତ୍ରକୁ ପରୀକ୍ଷା କେନ୍ଦ୍ରଗୁଡ଼ିକୁ ଆଣିବାରେ ତଦାରଖ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଉପକରଣଗୁଡ଼ିକ ଗୋଟିଏ ଥରରେ କିମ୍ବା ପ୍ରତି ପରୀକ୍ଷା ଦିନ ପହଞ୍ଚିବ ଏନେଇ ମଧ ଜିଲାର ଶିକ୍ଷାଧିକାରୀମାନେ ପରୀକ୍ଷା କେନ୍ଦ୍ରର ସୁରକ୍ଷାକୁ ନେଇ ନିଷ୍ପତ୍ତି ନେବେ। ଜିଲା ପରୀକ୍ଷା ପରିଚାଳନା ପ୍ରକ୍ରିୟାର ନିରୀକ୍ଷଣ ପାଇଁ ଜିଲା କିମ୍ବା ବ୍ଲକ ଅଧିକାରୀଙ୍କୁ ନିୟୋଜିତ କରାଯିବ। ପ୍ରତ୍ୟେକ ଦିନର ରିପୋର୍ଟକୁ transfer222@gmail.comରେ ମେଲ କରିବେ। ସମସ୍ତ ବିଦ୍ୟାଳୟର ମୁଖ୍ୟ ସୂଚନାପତ୍ର, ଉପସ୍ଥାନ,ପ୍ୟାକେଟ୍ ସ୍ଲିପ୍ ଓ ମୂଲ୍ୟାଙ୍କନ ସ୍କିମ୍‌କୁ ବୋର୍ଡ ପକ୍ଷରୁ ଦିଆଯାଇଥିବା ୱେବ୍‌ସାଇଟ୍‌ରୁ ଡାଉନଲୋଡ଼ କରିବାକୁ ନିର୍ଦ୍ଦେଶ ରହିଛି।


କଟକ ବିଦ୍ୟାଧରପୁରସ୍ଥିତ ଗ୍ଲୋବାଲ ଇଣ୍ଡିଆନ୍ ମଡେଲ ସ୍କୁଲରେ ଗୁରୁବାର ବୋଇତ ବନ୍ଦାଣ ଉତ୍ସବ ଉପଲକ୍ଷେ ଛାତ୍ରୀଛାତ୍ରମାନେ ସାଧବସାଧବାଣୀ ବେଶରେ ସଜ୍ଜିତ ହୋଇଛନ୍ତି।

## ବୋଇତ ବନ୍ଦାଣ ଉତ୍ସବ

କଟକ ଅଫିସ, ୧୮।୧୧

ପ୍ରାଚୀନ ଉତ୍କଳର ନୌବାଣିଜ୍ୟକୁ ମନେପକାଇ ପ୍ରତିବର୍ଷ କାର୍ତ୍ତିକ ପୂର୍ଣ୍ଣିମାରେ ବୋଇତ ବନ୍ଦାଣ ଉତ୍ସବ ପାଳନ କରାଯାଏ। ଚଳିତବର୍ଷ କଟକ ବିଦ୍ୟାଧରପୁରସ୍ଥିତ ଗ୍ଲୋବାଲ ଇଣ୍ଡିଆନ୍ ମଡେଲ ସ୍କୁଲରେ ଗୁରୁବାର ଏହି ଉତ୍ସବ ପାଳନ କରାଯାଇଛି। ବିଦ୍ୟାଳୟର ଅଷ୍ଟମ, ନବମ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ରମାନେ ସାଧବ ପୁଅ ଓ ବୋହୂ ବେଶରେ ସଜିତ ହୋଇଥିଲେ। ପ୍ରାରମ୍ଭରେ ବିଦ୍ୟାଳୟ ପରିଚାଳନା ନିର୍ଦ୍ଦେଶକ ଡ. ଚୌଧୁରୀ ସତ୍ୟ ଦାସ ବୋଇତ ବନ୍ଦାଣର ଆଭିମୁଖ୍ୟ ଉପରେ ଆଲୋଚନା କରିଥିଲେ। ସାଧବ ପୁଅମାନେ କିପରି ବୋଇତରେ ଜାଭା, ବୋର୍ଣ୍ଣିଓ ଓ ସୁମାତ୍ରାକୁ ବାଣିଜ୍ୟ ପାଇଁ ଜଳ ଯାତ୍ରା କରୁଥିଲେ ସେ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ।

## କୌଶଳ ବିକାଶ ପ୍ରଶିକ୍ଷଣ ଉଦ୍‌ଘାଟିତ

କଟକ ଅଫିସ, ୧୮।୧୧

ଦକ୍ଷତା ବିକାଶ ମନ୍ତ୍ରଣାଳୟ ଅଧୀନ ଜନ ଶିକ୍ଷଣ ସଂସ୍ଥାନ ପକ୍ଷରୁ ବାଙ୍କୀ କଲେଜସ୍ଥିତ ଶିକ୍ଷା ଭାରତୀ ଟ୍ରଷ୍ଟଠାରେ ଏକ କୌଶଳ ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଜନ ଶିକ୍ଷଣ ସଂସ୍ଥାନର ନିର୍ଦ୍ଦେଶିକା ଅନିମା ଦାଶ ଉଦ୍‌ଘାଟନ କରି ବାଙ୍କୀ ଅଞ୍ଚଳର ଗରିବ ପିଲାଙ୍କ ନିଯୁକ୍ତି ତଥା ଆତ୍ମନିଯୁକ୍ତି ପାଇଁ ଏହା ସହାୟକ ହୋଇପାରିବ ବୋଲି କହିଥିଲେ। ସଂସ୍ଥାନର ସଂଯୋଜକ ସସ୍ମିତ ମହାନ୍ତି ଓ ଲେକନାଥ ଦାଶଙ୍କ ସମେତ ରମେଶ ଚନ୍ଦ୍ର ତ୍ରିପାଠୀ, ପ୍ରଶିକ୍ଷକ ଲଲାଟେନ୍ଦୁ ପଣ୍ଡା ଓ ପ୍ରଶିକ୍ଷିକା ମମତା ତ୍ରିପାଠୀ ଉପସ୍ଥିତ ଥିଲେ। ସସ୍ମିତ ମହାନ୍ତି ସଭା ପରିଚାଳନା କରିଥିଲେ। ପ୍ରାଥମିକ ପର୍ଯ୍ୟାୟରେ ଇଲେକ୍ଟ୍ରିକାଲ, ବ୍ୟୁଟି ପାର୍ଲର ଓ ଫେସନ ଜୁଏଲାରୀ ଟ୍ରେଡ୍‌ର ୬୦ଜଣ ଶିକ୍ଷାନବୀଶଙ୍କୁ ତାଲିମ ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଛି।

## ଭୋଟର ସଚେତନତା କାର୍ଯ୍ୟକ୍ରମ

କଣ୍ଟାପଡା,୧୮।୧୧(ଡି.ଏନ୍.ଏ.)

କଣ୍ଟାପଡା ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମିଳିତ ସହଯୋଗରେ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଗଗନ ବିହାରୀ ବେଉରା ଏଥିରେ ଅଧକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ କଣ୍ଟାପଡା ବିଡିଓ ସନ୍ତୋଷ କୁମାର ପତି ଯୋଗଦେଇ ଯେଉଁମାନଙ୍କ ବୟସ ୧୮ ବର୍ଷରୁ ଊର୍ଦ୍ଧ୍ୱ ସେମାନେ ଅନ୍‌ଲାଇନ ମାଧ୍ୟମରେ ନିଜ ନାମକୁ ଭୋଟର ତାଲିକାରେ କିପରି ସାମିଲ ଓ ସଂଶୋଧନ କରିପାରିବେ ସେ ସମ୍ପର୍କରେ ବୁଝାଇଥିଲେ। କଣ୍ଟାପଡା ବ୍ଲକର ନିର୍ବାଚନ ଦାୟୀତ୍ୱରେ ଥିବା ଅଧିକାରୀ ଦେବସ୍ମିତା ପରିଡା, ସେକ୍ କଲିମୁଲା, ଡ. ଅଭିଳାଷ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ଭୋଟଦାନର ଅଧିକାର ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଏହାପରେ ଭୋଟରମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

## ଚୂଡାନ୍ତ ପ୍ରକଳ୍ପ ତାଲିକାକୁ ନେଇ ବିବାଦ

କଟକ ସଦର,୧୮।୧୧(ଡି.ଏନ.ଏ.)

କଟକ ସଦର ପଞ୍ଚାୟତ ସମିତିର ଗୁରୁତ୍ୱପୂର୍ଣ୍ଣ ବୈଠକ ଗତ ଜୁନ୍ ୨୯ ତାରିଖରେ ଭର୍ଚୁଆଲରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ପଞ୍ଚାୟତ ସମିତି ଅଂଶଧନରେ ୨୩ଟି ପଞ୍ଚାୟତର ପ୍ରକଳ୍ପ ତାଲିକା ଚୂଡାନ୍ତ ପାଇଁ ସଭ୍ୟାସଭ୍ୟମାନଙ୍କଠାରୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ହେଲେ ବ୍ଲକ ଅଧକ୍ଷାଙ୍କ ଅଗୋଚରରେ ଚୂଡାନ୍ତ ପ୍ରକଳ୍ପ ତାଲିକା କଟକ ଜିଲାପାଳଙ୍କ ନିକଟକୁ ପଠାଯାଇଛି। ଏଭଳି ନୀତି ଠିକ୍ ନୁହେଁ ବୋଲି ପଞ୍ଚାୟତ ସମିତି ଅଧକ୍ଷା ଶ୍ରୀମନ୍ତିନୀ ବେହେରା ପତ୍ର ମାଧ୍ୟମରେ ବିଡିଓ ରାଜୀବ ଲୋଚନ ପରିଡ଼ାଙ୍କୁ ଜଣାଇଛନ୍ତି। ଫଳରେ ୨୦୨୦-୨୧, ୨୦୨୧-୨୨ ପଞ୍ଚାୟତ ସମିତି ପ୍ରକଳ୍ପ ତାଲିକା ଚୁଡାନ୍ତକୁ ନେଇ ବିବାଦ ଦେଖାଦେଇଛି। କାରଣ ଏହି ବୈଠକ ଭର୍ଚୁଆଲରେ ହୋଇଥିବାରୁ ୨୨ଟି ପଞ୍ଚାୟତର ସମିତି ସଭ୍ୟାସଭ୍ୟଙ୍କ ଚିଠା ତାଲିକା ଅଧକ୍ଷାଙ୍କୁ ଦେଖାଇବା କଥା। ତା'ପରେ ୨୩ଟି ପଞ୍ଚାୟତର ପ୍ରକଳ୍ପ ତାଲିକା ଏକତ୍ରିତ କରି ସଭ୍ୟାସଭ୍ୟମାନଙ୍କୁ ଜଣାଇ ଦିଆଯାଇଥାନ୍ତା। ସମସ୍ତଙ୍କଠାରୁ ସବୁଜ ସଂକେତ ମିଳିବା ପରେ ବିବରଣୀ ଖାତାରେ ଲିପିବଦ୍ଧ କରାଯାଇଥାନ୍ତା। ଶେଷରେ ପଞ୍ଚାୟତ ସମିତି ସମ୍ପାଦକ ତଥା ବିଡିଓ ଓ ଅଧକ୍ଷାଙ୍କ ମିଳିତ ସ୍ୱାକ୍ଷର ଥାଇ ଜିଲାପାଳଙ୍କ ମଞ୍ଜୁର ପାଇଁ ପଠାଯିବା କଥା ବୋଲି ବେହେରା କହିଛନ୍ତି। ଅଭିଯୋଗ ସମ୍ପର୍କରେ ବିଡିଓ ପରିଡା କହିଛନ୍ତି, ନିୟମ ଅନୁସାରେ ପ୍ରକଳ୍ପ ତାଲିକା ଚୂଡାନ୍ତ କରାଯାଇଛି। ଓଡ଼ିଶା ପଞ୍ଚାୟତ ସମିତି ଗୃହ ପରିଚାଳନା ପାଇଁ ଥିବା ଧାରା ୧୯(୨) ଓ (୩) ଅନୁଯାୟୀ ସବୁ କିଛି କରାଯାଇଛି ବୋଲି ବିଡିଓ ସଫେଇ ଦେଇଛନ୍ତି।

## ଝାନ୍‌ସୀରାଣୀ ଲକ୍ଷ୍ମୀବାଈଙ୍କ ଜୟନ୍ତୀ ପାଳିତ

କଟକ ଅଫିସ, ୧୮।୧୧

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି ) ଓ ମେଡିଭିଜନ ସଙ୍ଗଠନ ପକ୍ଷରୁ କଟକ ବକ୍ସିବଜାର ମୋଚିସାହିଠାରେ ଝାନ୍‌ସୀରାଣୀ ଲକ୍ଷ୍ମୀବାଈଙ୍କ ଜୟନ୍ତୀ ଏବଂ ନାରୀଶକ୍ତି ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ସ୍ୱାସ୍ଥ୍ୟ ସେବା ଶିବିର ଓ ସାନିଟାରି ନ୍ୟାପକିନ୍ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ମେଡିଭିଜନର ସଦସ୍ୟ ଡା. ରୋନାଲିନ୍ ନାୟକ, ତୁଷାର ମନୋହରୀ, ଦୀପକ କୁମାର ସାମଲ, ଡା. ଅନୁପମା ପତି, ଏବିଭିପି ପକ୍ଷରୁ ସଙ୍ଗୀତା ପଣ୍ଡା, ଓମ୍ ପ୍ରକାଶ ପଣ୍ଡା, ଲୋକନାଥ ମାହୁନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରାଥମିକ କୃଷି ସମବାୟ ସମିତି କର୍ମଚାରୀ ସଂଘର ଧାରଣା

ଆଠଗଡ଼,୧୮।୧୧(ସ୍ୱ.ପ୍ର.)

ରାଜ୍ୟ ପ୍ରାଥମିକ କୃଷି ସମବାୟ ସମିତି କର୍ମଚାରୀ ସଂଘ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଛି। ଏନେଇ ସଂଘର ଆଠଗଡ଼ ମଣ୍ଡଳ ଶାଖା ପକ୍ଷରୁ ଗୁରୁବାର ସ୍ଥାନୀୟ ସହକାରୀ ନିବନ୍ଧକ ସମବାୟ ସମିତି ସମୂହ ଅଶୋକ କୁମାର ପତିଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଥିଲା। ଏଥିସହ ୭ ଦଫା ସମ୍ବଳିତ ଏକ ଦାବିପତ୍ର ଦିଆଯାଇଥିଲା। ଦାବିଗୁଡ଼ିକ ମଧ୍ୟରେ ସମିତିର କର୍ମଚାରୀମାନଙ୍କୁ ସରକାରୀ ଘୋଷଣା, ବରିଷ୍ଠତା ଭିତ୍ତିରେ ବ୍ୟାଙ୍କ ଆସିଷ୍ଟାଣ୍ଟ ଘୋଷଣା କରିବା ଆଦି ପ୍ରମୁଖ ରହିଛି। ଶୈଳେନ୍ଦ୍ର ନାରାୟଣ ସ୍ୱାଇଁ, ପଦ୍ମନାଭ ଘଡ଼େଇଙ୍କ ନେତୃତ୍ୱରେ ଏହି ଧାରଣାରେ ଆଠଗଡ଼ ଉପଖଣ୍ଡ ଅନ୍ତର୍ଗତ ୪ ବ୍ଲକ ଯଥା ଆଠଗଡ଼, ଟିଗିରିଆ, ବଡମ୍ବା, ନରସିଂହପୁର ଅଞ୍ଚଳର ବିଭିନ୍ନ ସମବାୟ ସମିତିର କର୍ମଚାରୀମାନେ ଯୋଗ ଦେଇଥିଲେ।

## 'ସହାନୁଭୂତି, ସମାନୁଭୂତି ରୋଗୀ ସେବାକୁ ଉଚ୍ଚକୋଟିର କରିପାରିବ'

କଟକ ଅଫିସ, ୧୮।୧୧

୭୫ ବର୍ଷର ଗୌରବମୟ ଗାଥାକୁ ସ୍ମରଣ କରି କଟକ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ପ୍ଲାଟିନମ ଜୁବିଲି(୭୫ ଫର ୭୫) ପାଳନ କରୁଛି। ଏହି ଅବସରରେ ଏସ୍‌ସିବି ମେଡିକାଲ କଲେଜର ପୁରୁଣା ଅଡିଟୋରିୟମରେ ଗୁରୁବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଲେଖକ ଗୌରହରି ଦାସ ଯୋଗଦେଇ କହିଥିଲେ, ଡାକ୍ତରୀ ବୃତ୍ତି ସମସ୍ତ ବୃତ୍ତିଠାରୁ ଶ୍ରେଷ୍ଠ। ଡାକ୍ତରମାନେ ସହାନୁଭୂତି ଓ ସମାନୁଭୂତି ରଖିଲେ ରୋଗୀ ସେବା ଉଚ୍ଚକୋଟିର ହୋଇପାରିବ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ପଦ୍ମଶ୍ରୀ ପ୍ରତିଭା ରାୟ କହିଥିଲେ, ଜଣେ ଡାକ୍ତର ଚାହିଁଲେ ଲେଖକ ହୋଇପାରିବ ମାତ୍ର ଜଣେ ଲେଖକ ଡାକ୍ତର ହୋଇପାରିବ ନାହିଁ। ଆଗାମୀ ୨୫ ବର୍ଷରେ ଯେମିତି ଏଠାକୁ ବିଦେଶୀ ଛାତ୍ର ପଢିବା ପାଇଁ ଓ ବିଦେଶୀ ଡାକ୍ତର ଅଭ୍ୟାସ ପାଇଁ ଆସିପାରିବେ ତାହାର ବ୍ୟବସ୍ଥା କରାଯାଉ। ଜଣେ ଡାକ୍ତର ଓ ଲେଖକ ପାଖରେ ଜାତି, ଧର୍ମର ଭେଦଭାବ ନାହିଁ ବୋଲି ସେ କହିଥିଲେ। ସେହିପରି ଲେଖିକା ସୁସ୍ମିତା ବାଗ୍‌ଚୀ କହିଥିଲେ, ଡାକ୍ତରମାନେ ଲେଖନୀ ଚାଳନା କଲେ ବିଭିନ୍ନ ରୋଗ ସମ୍ବନ୍ଧରେ ଜନସାଧାରଣ ସୁସ୍ଥ ଶରୀର ଗଠନ ଦିଗରେ ପ୍ରେରଣା ପାଇପାରିବେ। ସାହିତ୍ୟକୁ ଡାକ୍ତରୀ ବୃତ୍ତିରେ ଗ୍ରହଣ କଲେ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ବିଶ୍ୱର ଏକ ଅଗ୍ରଣୀ ମେଡିକାଲ କଲେଜ ଭାବେ ପରିଗଣିତ ହୋଇପାରିବ। ଏହି କାର୍ଯ୍ୟକ୍ରମରେ ବହୁ ପ୍ରଫେସର, ଡାକ୍ତର, ଡାକ୍ତରୀ ଛାତ୍ରୀଛାତ୍ର ଓ ବୁଦ୍ଧିଜୀବୀ ଯୋଗଦେଇଥିଲେ। ଡା. ରୋମା ରତନ ଧନ୍ୟବାଦ ଦେଇଥିଲେ।


କଟକ ରାଣୀହାଟ ରାସ୍ତା ପାର୍ଶ୍ୱରେ ବିକ୍ରୟ ପାଇଁ ରଖାଯାଇଥିବା ଡଙ୍ଗା।

### ଏଣିକି ସବୁଦିନ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

ପୁରୀ ଅଫିସ : ପୁରୀ ସିଂହଦ୍ୱାର ନିକଟ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ଗୁରୁବାର ଆସୋସିଏଶନ୍ ଅଫ୍ ଟ୍ରୁଇଟର ଆର୍କିଭିଷ୍ଟ (ଆଟା) ପକ୍ଷରୁ ମାଲ୍ୟାର୍ପଣ କରାଯାଇଛି। ଏଣିକି ପ୍ରତିଦିନ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ ବୋଲି ସଙ୍ଗଠନ ପକ୍ଷରୁ ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ଆଇନଜୀବୀ ଦେବାଶିଷ ଦାଶ, ଶ୍ରୀମନ୍ଦିର ପ୍ରତିହାରୀ ସେବକ ବଳି ପ୍ରତିହାରୀ, ମୁକ୍ତିନାଥ ପ୍ରତିହାରୀ, ବରିଷ୍ଠ ନାଗରିକ ସର୍ବେଶ୍ୱର ନାୟକ, କୃଷ୍ଣମୋହନ ପ୍ରଧାନ, ସତ୍ୟନାରାୟଣ ସାହୁ, ବିପିନ୍ ମହାନ୍ତି, ସୁଧାଂଶୁ ଜେନା, ଆଦିତ୍ୟ ନାରାୟଣ ବାରିକ୍, ବିସ୍ମୟ ମିଶ୍ର, ଦେବେନ୍ଦ୍ର ସୁବୁଦ୍ଧି, ଶୁଭଶ୍ରୀ ବେହେରା, ସ୍ୱାଗତିକା ବେହେରା ଏବଂ ଦେବରାଜ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୮।୧୧।୨୦୨୧

| | |
|---|---|
| ୪,୯୦,୫୫୫ ଟଙ୍କା | |
| ସୁନା | ୧୬.୬୦୦ ଗ୍ରାମ |
| ରୁପା | ୪୫.୮୦୦ ଗ୍ରାମ |

### ଆଜି କ'ଣ କେଉଁଠି

**ପୁରୀ**

- ସୁଲେଖାର ୪୧ତମ ବାର୍ଷିକ ଉତ୍ସବ ଓ ରାଜ୍ୟସ୍ତରୀୟ କବି ଲେଖକ ସମ୍ମେଳନ, ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ପୂର୍ବାହ୍ନ ୧୦ଟା ।
- . ସ୍ୱର୍ଗଦ୍ୱାର ସେବା କେନ୍ଦ୍ର ଓ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଆନୁକୂଲ୍ୟରେ ସ୍ୱର୍ଗଦ୍ୱାର ସଂସ୍କାର ସେବକଙ୍କୁ ସମ୍ବର୍ଦ୍ଧିତ, ସ୍ୱର୍ଗଦ୍ୱାର ପରିସର, ପୂର୍ବାହ୍ନ ୧୦ଟା ୩୦ ।
- . ଶ୍ରୀ ଶ୍ରୀ ନିମ୍ବାର୍କଚାର୍ଯ୍ୟଙ୍କ ଜୟନ୍ତୀରେ ଆଲୋଚନା ଚକ୍ର, ରାଧାବଲ୍ଲଭ ମଠ, ସନ୍ଧ୍ୟା ୭ଟା।

### ସଂକ୍ଷେପରେ

## ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟ ଦେଖିଲେ ମନ୍ତ୍ରୀ

ବଲାଙ୍ଗୀ,୧୮।୧୧(ଡି.ଏନ୍.ଏ.): ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଗୁରୁବାର ବଲାଙ୍ଗୀ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟ ଅଗ୍ରଗତିର ଅନୁଧ୍ୟାନ କରିଛନ୍ତି। ମଣ୍ଡଳ ଉନ୍ନୟନ ଅଧିକାରୀ ବସନ୍ତ କୁମାର ମଲ୍ଲିକ, ଯନ୍ତ୍ରୀ ସୁନୀଲ କୁମାର ନନ୍ଦ, ରାଜଶ୍ରୀ ବେହେରା କାର୍ଯ୍ୟଧାରା ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତି ଦେବୀ, ସରପଞ୍ଚ ଅଜିତ କୁମାର ଦଳାଇ, ଶିକ୍ଷାବିତ ଅଜିତ ଚାନ୍ଦ ଦାସ, ସାମାଜିକ କର୍ମୀ କୃପାସିନ୍ଧୁ ଦତ୍ତ ଓ ପ୍ରଭାତ କୁମାର ରାୟ ପ୍ରମୁଖ ଉପସ୍ଥିତ ଥିଲେ। ନିର୍ଦ୍ଧାରିତ ସମୟ ପୂର୍ବରୁ କାର୍ଯ୍ୟ ଶେଷ କରିବା ପାଇଁ ମନ୍ତ୍ରୀ ଦାଶ ନିର୍ଦ୍ଦେଶ ଦେଇଥିଲେ।

## ସ୍ଥାୟୀ ଜଳ ନିଷ୍କାସନ ପ୍ରତିକାର ପାଇଁ ଦାବିପତ୍ର

ପୁରୀ ଅଫିସ, ୧୮।୧୧: କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଗୁରୁବାର ଦୟା, ଭାର୍ଗବୀ ଓ ଲୁଣା ନଦୀର ସଂଗମସ୍ଥଳ ସହିତ ସଂଲଗ୍ନ ଅଞ୍ଚଳ ପରିଦର୍ଶନ ପାଇଁ ଆସିଥିବା ବେଳେ ଜଳ ନିଷ୍କାସନ ସ୍ଥାୟୀ ପ୍ରତିକାର ପାଇଁ ନୀଳାଚଳ କୃଷକ ମହାସଂଘ ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦୟା, ଭାର୍ଗବୀ, ଲୁଣା, ରାଜୁଆ ପରି ଅନ୍ୟ ନଦୀ ନାଳ ସହ ସଂଯୋଗ କରୁଥିବା ଚିଲିକା ଓ ସମୁଦ୍ର ମୁହାଣକୁ ଖନନ କରିବା ସହିତ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇ ଜଳସେଚନ ଏବଂ ଜଳ ନିଷ୍କାସନର ସ୍ଥାୟୀ ପ୍ରତିକାର କରିବା ପାଇଁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ମହାସଂଘର ସମ୍ପାଦକ ଉଗ୍ରେସନ ବିଶ୍ୱାଳ, ଉପଦେଷ୍ଟା ମଣ୍ଡଳୀର ଅଧ୍ୟକ୍ଷ ନିରଞ୍ଜନ ମହାପାତ୍ର, କଣାସ ବ୍ଲକ ସଭାପତି କେଦାରଶ୍ୱର ପରିଡା, ଜିଲା କମିଟି ସଭ୍ୟ ପ୍ରକାଶ ଚନ୍ଦ୍ର ନାୟକ, ସର୍ବେଶ୍ୱର ନାୟକ, ସଦର ବ୍ଲକ୍ ସଭାପତି ଅରକ୍ଷିତ ଦାସ ଏବଂ ପ୍ରତାପ ପାଇକରାୟ ଉପସ୍ଥିତ ଥିଲେ। ଗତ ଏପ୍ରିଲରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ମଧ୍ୟ ଏ ନେଇ ଦାବିପତ୍ର ଦିଆଯାଇଥିଲା।

## ଆମ ପୋଲିସ କାର୍ଯ୍ୟକ୍ରମ

କୋଣାର୍କ, ୧୮।୧୧(ଡି.ଏନ୍.ଏ.)-କୋଣାର୍କ ଥାନା ପରିସରରେ ଗୁରୁବାର ସନ୍ଧ୍ୟାରେ ଆମ ପୋଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପର୍ଯ୍ୟଟନସ୍ଥଳୀ କୋଣାର୍କକୁ ଆସୁଥିବା ଦେଶ ବିଦେଶର ପର୍ଯ୍ୟଟକଙ୍କୁ ସୁରକ୍ଷା ଦେବା ପୋଲିସର କର୍ତ୍ତବ୍ୟ। ପୋଲିସ ଓ ସାଧାରଣ ଲୋକଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବା ପାଇଁ ଏହି କାର୍ଯ୍ୟକ୍ରମରେ ଅତିଥିମାନେ ମତ ପ୍ରକାଶ କରିଥିଲେ। କରୋନା କଟକଣା ଯୋଗୁ ଏହି କାର୍ଯ୍ୟକ୍ରମ ସ୍ଥଗିତ ଥିଲା। ଆମ ପୋଲିସ ସଭାପତି ରାମକୃଷ୍ଣ ମହାନ୍ତିଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ଆବାହକ ଗୋପାଳ ଚନ୍ଦ୍ର ବେହେରା, କୋଣାର୍କ ଥାନା ଆଇଆଇସି ରଞ୍ଜନ କୁମାର ମଲ୍ଲିକ, କୋଣାର୍କ ସୁରକ୍ଷା ସମିତି ସଭାପତି ବାଦଲ ଦାଶ, ଯୁବନେତା ସୁବାସ ନାୟକ, କୋଣାର୍କର ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇ ପୋଲିସର କର୍ତ୍ତବ୍ୟ ସମ୍ପର୍କରେ ଅବଗତ କରାଇଥିଲେ। କୋଣାର୍କ ଉତ୍ସବ ଓ ପରବର୍ତ୍ତୀ ଉତ୍ସବକୁ ଦୃଷ୍ଟିରେ ରଖି କୋଣାର୍କ ଓ ଏହାର ଆଖପାଖ ଅଞ୍ଚଳରେ ରାତ୍ର ପାଟ୍ରୋଲିଂକୁ କଡ଼ାକଡ଼ି କରିବା, ପର୍ଯ୍ୟଟକଙ୍କୁ ସୁରକ୍ଷା, ମଦ୍ୟପ ଓ ଅସାମାଜିକ ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ, ଟ୍ରାଫିକ ସମସ୍ୟା ଆଦି ବିଭିନ୍ନ ସମସ୍ୟା ସମ୍ପର୍କରେ ମତ ପ୍ରକାଶ ପାଇଥିଲା।

# ଦ୍ୱିତୀୟ ସୂର୍ଯ୍ୟମନ୍ଦିରକୁ ବିରୋଧ

- ସରକାରୀ ଜାଗାରେ ନିର୍ମାଣ ଚାଲିଥିବା ଅଭିଯୋଗ
- ପୁରୀ ଜିଲ୍ଲା ଯୁବ ଅଧିବକ୍ତା ସଂଘ ପକ୍ଷରୁ ବିକ୍ଷୋଭ
- ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ: ଜିଲାପାଳ

ପୁରୀ ଅଫିସ, ୧୮।୧୧

କୋଣାର୍କ ଚନ୍ଦ୍ରଭାଗାରେ ଦ୍ୱିତୀୟ କୋଣାର୍କ ମନ୍ଦିର ନିର୍ମାଣ ନେଇ କେତେକ ସଙ୍ଗଠନ ଉଦ୍ୟମ ଆରମ୍ଭ କରିଥିବାବେଳେ ଏନେଇ ବିବାଦ ଦେଖାଦେଇଛି। ସରକାରୀ ଜାଗା ଉପରେ ଦ୍ୱିତୀୟ ସୂର୍ଯ୍ୟ ମନ୍ଦିର ନିର୍ମାଣକୁ ପୁରୀ ଜିଲ୍ଲା ଯୁବ ଅଧିବକ୍ତା ସଂଘ ବିରୋଧ କରିଛି। ଏ ନେଇ ସଂଘ ପକ୍ଷରୁ ଗୁରୁବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। ସଂଘ କର୍ମକର୍ତ୍ତା କହିଛନ୍ତି, ବିଶ୍ୱର ସପ୍ତାଶ୍ଚାର୍ଯ୍ୟ ମଧ୍ୟରୁ କୋଣାର୍କ ଅନ୍ୟତମ। କୋଣାର୍କ ସୂର୍ଯ୍ୟ ମନ୍ଦିରକୁ ବ୍ଲାକ୍ ପାଗୋଡ଼ା ମଧ୍ୟ କୁହାଯାଏ ଏବଂ ଏହି ମନ୍ଦିର ଓଡ଼ିଶାର କୋଟି କୋଟି ଜନସାଧାରଣଙ୍କ ଭାବାବେଗ ସହିତ ଜଡ଼ିତ। ତେଣୁ ଉକ୍ତ ଅଞ୍ଚଳରେ ଦ୍ୱିତୀୟ ସୂର୍ଯ୍ୟମନ୍ଦିର ନିର୍ମାଣର ଆବଶ୍ୟକତା ନାହିଁ। ସୂର୍ଯ୍ୟ ମନ୍ଦିର ନିର୍ମାଣ କାମ ବନ୍ଦ କରିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଯୁବ ଅଧିବକ୍ତା ସଂଘ ଦାବି କରିଛି। ସଂଘର ଆବାହକ ଆଇନଜୀବୀ ଅନିଲ କୁମାର ସାହୁ କହିଛନ୍ତି, ଦ୍ୱିତୀୟ କୋଣାର୍କ ନିର୍ମାଣ ଦିଗରେ ଜମି ମାଫିଆଙ୍କ ଷଡ଼ଯନ୍ତ୍ର ରହିଛି। କୋଣାର୍କର ସ୍ୱତନ୍ତ୍ରତା କ୍ଷୁର୍ଣ୍ଣ କରିବା ପାଇଁ ହେଉଥିବା ଷଡ଼ଯନ୍ତ୍ରକୁ ସଂଘ ବିରୋଧ କରୁଛି। ପ୍ରଶାସନ ତୁରନ୍ତ ପଦକ୍ଷେପ ନ ନେଲେ ସଂଘ ଅଦାଲତଙ୍କ ଦ୍ୱାରସ୍ଥ ହେବ ବୋଲି ସାହୁ କହିଛନ୍ତି। ଆବାହକ ସାହୁଙ୍କ ସମେତ ସଭାପତି ବିଶ୍ୱଜିତ ପ୍ରଧାନ, କର୍ଣ୍ଣବୀର ମହାପାତ୍ର, ସୁରେଶ ମହାପାତ୍ର, ସୂର୍ଯ୍ୟନାରାୟଣ ଦାଶ, ଭାଗବତ ପଟ୍ଟନାୟକ, ଅଶୋକ କୁମାର ସ୍ୱାଇଁ, ଦେବାଶିଷ ଦାଶ, ଶୁଭାଶିଷ ମହାନ୍ତି ଓ ଶାଶ୍ୱତ ମୋହନ ଦାଶ ପ୍ରମୁଖ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହାପରେ ସମ୍ପୃକ୍ତ ଜମିର ସ୍ଥିତାବସ୍ଥା ସମ୍ପର୍କରେ ରିପୋର୍ଟ ଦେବାକୁ ତହସିଲଦାରଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ମନ୍ଦିର ନିର୍ମାଣ ଜାଗା ସରକାରୀ ହୋଇଥିବା ଅଭିଯୋଗ ଉପରେ ପୂର୍ବରୁ ରାଜସ୍ୱ ନିରୀକ୍ଷକଙ୍କ ପକ୍ଷରୁ ନୋଟିସ ଜାରି ହୋଇଥିଲା। ସେଠାରେ ନିର୍ମାଣ ବେଆଇନ ଦର୍ଶାଇ ଅଭିଯୋଗ ଆସିବା ପରେ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଗୋପ ତହସିଲଦାର ତଦନ୍ତ କରୁଛନ୍ତ। ତଦନ୍ତ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ ବର୍ମା ସୂଚନା ଦେଇଛନ୍ତି।



ପୁରୀ ଜିଲ୍ଲା ଯୁବ ଅଧିବକ୍ତା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।




ସିପିଆଇଏମ୍‌ର ୨୨ତମ ପୁରୀ ଜିଲା ସମ୍ମିଳନୀ ଅବସରରେ ଗୁରୁବାର କର୍ମୀମାନେ ଶୋଭାଯାତ୍ରାରେ ସଭାସ୍ଥଳକୁ ଯାଉଛନ୍ତି ।

## ଶିଳ୍ପ, ବେକାରି ସମସ୍ୟା ନେଇ ଆନ୍ଦୋଳନ ପାଇଁ ଆହ୍ୱାନ

ପୁରୀ ଅଫିସ, ୧୮।୧୧:

ବଡ଼ଦାଣ୍ଡସ୍ଥିତ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରରେ ଗୁରୁବାର ସିପିଆଇଏମ୍‌ର ୨୨ତମ ପୁରୀ ଜିଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସମ୍ପାଦକ ଅଳି କିଶୋର ପଟ୍ଟନାୟକ ଅତିଥି ଭାବେ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ଗରିବଙ୍କ ଅଧିକାର ଓ ସାମ୍ବିଧାନିକ ସୁରକ୍ଷା ପାଇଁ ଐକ୍ୟବଦ୍ଧ ଆନ୍ଦୋଳନ କରିବାକୁ ସେ ଆହ୍ୱାନ ଦେଇଥିଲେ। ପୁରୀ ଜିଲାରେ ଗରିବୀ, ବେରୋଜଗାର ବଢିଚାଲିଛି। ଜିଲାରେ କୃଷିଭିତ୍ତିକ ଶିଳ୍ପ, ସାମୁଦ୍ରିକ ଶିଳ୍ପ କିମ୍ବା ଉଦ୍ୟାନ ଶିଳ୍ପ ନାହିଁ। ତେଣୁ ଏହି ପ୍ରସଙ୍ଗରେ ଜନଆନ୍ଦୋଳନ ହେବା ଆବଶ୍ୟକ ବୋଲି ପଟ୍ଟନାୟକ କହିଛନ୍ତି। ସମ୍ମାନିତ ଅତିଥି ଭାବେ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ସୁରେଶ ପାଣିଗ୍ରାହୀ ଓ ରାଜ୍ୟ କମିଟି ସଭ୍ୟ ଜନ୍ମେଶ୍ୱର ସାମନ୍ତରାୟ ଉପସ୍ଥିତ ଥିଲେ। ଶରତ କୁମାର ରାୟଗୁରୁ, ଭାଗିରଥି ବେହେରା, ବନବାସିନୀ ମହାପାତ୍ରଙ୍କୁ ନେଇ ଗଠିତ ସଭାପତିମଣ୍ଡଳୀ ସଭାରେ ଜିଲା ସମ୍ପାଦକ ଭୀମସେନ ସ୍ୱାଇଁ ଜିଲାର ରିପୋର୍ଟ ଆଗତ କରିଥିଲେ। ଜଗନ୍ନାଥ ଦେଓ ଏବଂ ସ୍ମୃତିରଞ୍ଜନ ଦାସଙ୍କ ସମେତ ବିଭିନ୍ନ ବ୍ଲକରୁ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## 'ବିଜୁ ସ୍ୱାସ୍ଥ୍ୟକାର୍ଡ ଯୋଜନାରେ ରୋଗୀଙ୍କୁ ସୁବିଧା ଦିଅ'

ପୁରୀ ଅଫିସ,୧୮।୧୧:

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସଫଳ ରୂପାୟନ ଉଦ୍ଦେଶ୍ୟରେ ଗୁରୁବାର ପୁରୀ ଜିଲାର ୧୩ଟି ଘରୋଇ ହସ୍ପିଟାଲର କର୍ତ୍ତୃପକ୍ଷମାନଙ୍କ ସହ ଜିଲାପାଳ ସମର୍ଥ ବର୍ମା ଆଲୋଚନା କରିଛନ୍ତି। ଗରିବ ଶ୍ରେଣୀର ଲୋକେ କିଭଳି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ଘରୋଇ ହସ୍ପିଟାଲରେ ସ୍ୱାସ୍ଥ୍ୟସେବା ପାଇପାରିବେ ସେନେଇ ଆଲୋଚନା ହୋଇଛି। ଏହି ଅବସରରେ ଘରୋଇ ହସ୍ପିଟାଲ କର୍ତ୍ତୃପକ୍ଷମାନଙ୍କ ତରଫରୁ ଜିଲାପାଳଙ୍କ ନିକଟରେ ଅନେକ ଦାବି ଉପସ୍ଥାପନ କରାଯାଇଛି। ପ୍ରାୟ ୧୫ଶହ ଟଙ୍କା ପ୍ୟାକେଜରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ରୋଗୀଙ୍କୁ ସାମିଲ କରାଯିବାର ବ୍ୟବସ୍ଥା ଥିବାବେଳେ ଏହାର ସରଳୀକରଣ ଲାଗି ପ୍ରସ୍ତାବ ଦିଆଯାଇଛି। ଅଧିକାଂଶ କ୍ଷେତ୍ରରେ ରୋଗୀଙ୍କୁ ପ୍ରଥମେ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇ ପରେ ଘରୋଇ ହସ୍ପିଟାଲକୁ ପଠାଯାଉଛି। ଏଭଳି କ୍ଷେତ୍ରରେ ରୋଗୀ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରିଜର୍ଭ ଓ ରେଫର ଭାବେ ରୋଗକୁ ଦୁଇଟି ଶ୍ରେଣୀରେ ବିଭକ୍ତ କରାଯାଇଛି। ରୋଗୀ ରିଜର୍ଭ ଶ୍ରେଣୀର ହୋଇଥିଲେ ତାଙ୍କୁ ବାରମ୍ବାର ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଦୌଡ଼ିବାକୁ ପଡୁଛି। ଗ୍ରାମାଞ୍ଚଳ ଲୋକେ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଦୁଇ ଚାରି ଥର ଯିବାପରେ ହିଁ ଘରୋଇ ହସ୍ପିଟାଲରେ ଏହି ଯୋଜନାର ସୁବିଧା ପାଇପାରିବେ। ସେହିଭଳି ରିଜର୍ଭ ଶ୍ରେଣୀ ଅନ୍ତର୍ଭୁକ୍ତ ଅନେକ ରୋଗ କେବଳ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇବା ବ୍ୟବସ୍ଥା ରହିଛି। ସେଗୁଡ଼ିକୁ ଘରୋଇ ହସ୍ପିଟାଲ ଶ୍ରେଣୀକୁ ଅଣାଯିବା ଆବଶ୍ୟକ ବୋଲି ଏକ ଘରୋଇ ହସ୍ପିଟାଲର ନିର୍ଦ୍ଦେଶକ ରାଜେଶ ମିଶ୍ର କହିଛନ୍ତି। ଚିକିତ୍ସା ପାଇଁ ଘରୋଇ ହସ୍ପିଟାଲଗୁଡ଼ିକୁ ସରକାରଙ୍କଠାରୁ ମିଳୁଥିବା ଅର୍ଥକୁ ନେଇ ମଧ୍ୟ ପ୍ରଶ୍ନ କରାଯାଇଛି। ଜଣେ ମହିଳାଙ୍କ ପ୍ରସବ କରାଇବା ପାଇଁ ସଂପୃକ୍ତ ଯୋଜନାରେ ୧୫ହଜାର ଟଙ୍କାରୁ କମ୍ ମିଳୁଥିବା ବେଳେ ଘରୋଇ ହସ୍ପିଟାଲରେ ଏତେ କମ୍ ଟଙ୍କାରେ କାର୍ଯ୍ୟ କରିବା ସମ୍ଭବପର ହୋଇପାରୁନାହିଁ। ଘରୋଇ ହସ୍ପିଟାଲରେ ସ୍ୱଚ୍ଛତା ଓ ଉନ୍ନତ ସ୍ୱାସ୍ଥ୍ୟସେବାକୁ ଦେଖି ଲୋକେ ଆସିଥାଆନ୍ତି। ଏଥିଲାଗି ହେଉଥିବା ଖର୍ଚ୍ଚ ରାଜ୍ୟ ସରକାର ଦେବା ଦରକାର ବୋଲି ଘରୋଇ ହସ୍ପିଟାଲ କର୍ତ୍ତୃପକ୍ଷମାନେ କହିଛନ୍ତି। ଏହି ଦାବି ସମ୍ପର୍କରେ ରାଜ୍ୟ ସରକାରଙ୍କୁ ଜଣାଇ ଦିଆଯିବ ବୋଲି ଜିଲାପାଳ କହିଛନ୍ତି।

## ବନ୍ଧୁକ ଦେଖାଇ ୧୫ଲକ୍ଷର ସୁନାଗହଣା ଲୁଟିନେଲେ

ଡେଲାଙ୍ଗ,୧୮।୧୧(ଡି.ଏନ୍.ଏ.)

ଡେଲାଙ୍ଗ ଥାନା ଅନ୍ତର୍ଗତ ଘୋରଡିଆ ବଜାରସ୍ଥିତ ଜଣେ ସୁନାଗହଣା ଦୋକାନୀଙ୍କୁ କେତେଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ୧୫ଲକ୍ଷ ଟଙ୍କାର ସୁନାଗହଣା ଲୁଟି ନେଇଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା(ନଂ.୨୫୮/୨୧) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଘୋରଡ଼ିଆ ବଜାରରେ ଗଙ୍ଗପୁରପାଟଣାର ସୁଶାନ୍ତ ପୌଦାରଙ୍କ ସୁନାଗହଣା ଦୋକାନ ଥିଲା। ଗତ ୧୭ ତାରିଖ ରାତି ୧୦ଟାରେ ଦୋକାନ ବନ୍ଦ କରି ଘରକୁ ଯିବାକୁ ବାହାରୁଥିବା ସମୟରେ ୨ଜଣ ଦୁର୍ବୃତ୍ତ ଏକ ନାଲି ରଙ୍ଗର ଆପାଚି ବାଇକ୍‌ରେ ଆସି ତାଙ୍କ ନିକଟରେ ପହଞ୍ଚିଥିଲେ। ଦୁର୍ବୃତ୍ତମାନେ ହଠାତ୍ ସୁଶାନ୍ତଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ସୁନାଗହଣା ଥିବା ବ୍ୟାଗକୁ ତାଙ୍କଠାରୁ ଛଡାଇ ନେଇଥିଲେ। ଏପରିକି ବନ୍ଧୁକରେ ତାଙ୍କ ମୁଣ୍ଡଙ୍କୁ ପିଟି ଦେଇଥିଲେ। ଆଘାତ ପାଇ ସୁଶାନ୍ତ ତଳେ ପଡିଯିବାରୁ ବେକରେ ପିନ୍ଧିଥିବା ସୁନାଚେନ ଓ ମୋବାଇଲ ଫୋନ ଛଡ଼ାଇ ନେଇ ଦୟା ନଦୀବନ୍ଧ ରାସ୍ତାରେ ଦ୍ରୁତଗତିରେ ପଳାଇଥିଲେ। ବଜାରର କେତେଜଣ ଲୋକ ସୁଶାନ୍ତଙ୍କୁ ଉଦ୍ଧାର କରିବାସହ ଘରକୁ ଖବର ଦେଇଥିଲେ। ଘରଲୋକ ପହଞ୍ଚି ସୁଶାନ୍ତଙ୍କୁ ନେଇ ଥାନା ଦ୍ୱାରସ୍ଥ ହୋଇଥିଲେ। ଲୁଟ ହୋଇଥିବା ସୁନାର ମୂଲ୍ୟ ଆନୁମାନିକ ୧୫ ଲକ୍ଷ ଟଙ୍କା ହେବ ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗ ପାଇ ଡେଲାଙ୍ଗ ଥାନା ଆଇଆଇସି ରଶ୍ମିରଞ୍ଜନ ପଟ୍ଟନାୟକ ଓ ପୁରୀ ଏସ୍‌ପିଙ୍କ ଦ୍ୱାରା ଗଠିତ ସ୍ପେସାଲ ସ୍କ୍ୱାଡ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

## ଭିତ୍ତିଭୂମି ଅନୁଧ୍ୟାନ କଲେ ଯୋଜନା ବୋର୍ଡ ଉପାଧ୍ୟକ୍ଷ

ପୁରୀ ଅଫିସ,୧୮।୧୧:

### ୬୦ ରୂପାନ୍ତରକରଣ ବିଦ୍ୟାଳୟର ଲୋକାର୍ପଣ କରିବେ ମୁଖ୍ୟମନ୍ତ୍ରୀ

ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ବୁଧବାର ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ଅଧୀନ ପୁରୀ ସଦର, ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ଗସ୍ତକରି ୫-ଟି ଯୋଜନାରେ ରୂପାନ୍ତରିତ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ଅନୁଧ୍ୟାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଦ୍ୟାଳୟ ଭିତ୍ତିଭୂମି ବିକାଶ ଓ ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ଏଭଳି ପଦକ୍ଷେପ ନେଉଛନ୍ତି ବୋଲି ଦାସବର୍ମା କହିଛନ୍ତି। ଦାସବର୍ମା ଭାର୍ଗବୀ ଉଚ୍ଚ ବିଦ୍ୟାଳୟ, ବାଲୁଙ୍କେଶ୍ୱର ନୋଡାଲ ବିଦ୍ୟାପୀଠ, ଗଙ୍ଗାଧର ସରକାରୀ ବିଦ୍ୟାଳୟ, ମଦନ ମୋହନ ଉଚ୍ଚ ବିଦ୍ୟାଳୟ, ରାଧାମୋହନ ସରକାରୀ ଉଚ୍ଚ ବିଦ୍ୟାଳୟ, ବ୍ରହ୍ମଗିରି ସରକାରୀ ଉଚ୍ଚ ବିଦ୍ୟାଳୟ, କୃଷକ ବିଦ୍ୟାପୀଠ, ହରିହର ବିଦ୍ୟାପୀଠର ଉନ୍ନୟନ କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ସ୍ଥିତି ସମୀକ୍ଷା କରିଛନ୍ତି। ଆସନ୍ତା ୨୦ ତାରିଖରେ ମୁଖ୍ୟମନ୍ତ୍ରୀ ପୁରୀ ଜିଲାରେ ଏଭଳି ରୂପାନ୍ତରିତ ହୋଇଥିବା ୬୦ଟି ବିଦ୍ୟାଳୟର ଲୋକାର୍ପଣ କରିବେ। ଏ ନେଇ ଦାସବର୍ମା ବ୍ଲକ ପ୍ରଶାସନ, ଶିକ୍ଷା ଅଧିକାରୀ ଓ ବିଦ୍ୟାଳୟର ପ୍ରଧାନଶିକ୍ଷକମାନଙ୍କ ସହ ଆଲୋଚନା କରିଛନ୍ତି। ତାଙ୍କ ଗସ୍ତ ସମୟରେ ବ୍ଲକ ଅଧ୍ୟକ୍ଷା ନଳିନୀପ୍ରଭା ବରାଳ, ଜିଲା ପରିଷଦ ସଦସ୍ୟ ସୁରେନ୍ଦ୍ର କୁମାର ରାଉତ, କୈଳାସ ଚନ୍ଦ୍ର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ୫୨ତମ ବୈକୁଣ୍ଠ ଚତୁର୍ଦ୍ଦଶୀ ଭଜନ ସମାରୋହ

ପୁରୀ ଅଫିସ, ୧୮।୧୧:



ସମାରୋହରେ କଣ୍ଠଶିଳ୍ପୀ ମହାପ୍ରସାଦ କର ଭଜନ ପରିବେଷଣ କରୁଛନ୍ତି ।

ବୈକୁଣ୍ଠ ଚତୁର୍ଦ୍ଦଶୀ ଅବସରରେ ଗୁରୁବାର ଶ୍ରୀକ୍ଷେତ୍ର କଳା ପ୍ରକାଶିକା ପକ୍ଷରୁ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ୫୨ତମ ବୈକୁଣ୍ଠ ଚତୁର୍ଦ୍ଦଶୀ ଭଜନ ସମାରୋହ ଆୟୋଜିତ ହୋଇଯାଇଛି। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ରବିନାରାୟଣ ଗୁରୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପୁରୀ ଆରକ୍ଷୀ ଅଧୀକ୍ଷକ ଡ. କନୱର ବିଶାଲ ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିଥିଲେ। ସମ୍ପାଦକ ସୋମନାଥ ଗୁରୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା ବାର୍ତ୍ତା ପାଠ କରାଯିବା ସହ ରାଜ୍ୟ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଓଡ଼ିଶୀ ସଙ୍ଗୀତ ଗୁରୁ ଚନ୍ଦ୍ରମଣି ଲେଙ୍କା ଏବଂ ସାରେଗାମାପା ବିଜୟିନୀ କଣ୍ଠଶିଳ୍ପୀ ଦେବାଂଶୀ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା ପର୍ବ ପରେ କଣ୍ଠଶିଳ୍ପୀ ଗୁରୁ ଚନ୍ଦ୍ରମଣି ଲେଙ୍କା, ବୈଷ୍ଣବ କୈଳାସ, ମହାପ୍ରସାଦ କର, ଅନ୍ତରା ଚକ୍ରବର୍ତ୍ତୀ, ଅର୍ପିତା ଚୈଧୁରୀ, ରଶ୍ମିତା ଦାଶ, ଦେବାଂଶୀ ଦାଶ, ଭଗବାନ ଜେନା, ଅସୀମା ପଣ୍ଡା ଏବଂ ସୋହିନୀ ମିଶ୍ରଙ୍କ ସମେତ ବହୁ ସୁନାମଧନ୍ୟ କଣ୍ଠଶିଳ୍ପୀ ଭଜନ, ଜଣାଣ ଏବଂ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ କୈଳାସ ଚନ୍ଦ୍ର ଟିକାୟତରାୟ ଓ ଶ୍ୟାମ ପ୍ରକାଶ ସେନାପତି ସଂଯୋଜନା କରିଥିଲେ। ଜନ୍ମେଶ୍ୱର ପୂଜାପଣ୍ଡା, ପ୍ରସନ୍ନ କର, ଶମ୍ଭୁ ହୋତା, ଉମାକାନ୍ତ ଦାଶ, ଆଲୋକ ମହାପାତ୍ର, ଦୀପୁ କର ଏବଂ ରାମଚନ୍ଦ୍ର ଦାସ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ଶୀଘ୍ର ସ୍ୱଚ୍ଛ ପିଇବା ପାଣି ଯୋଗାଣ, ବଡ଼ବନ୍ଧ ବ୍ରିଜ ନିର୍ମାଣ

ସାକ୍ଷୀଗୋପାଳ,୧୮।୧୧(ଡି.ଏନ୍.ଏ):

### ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କଲେ ବିଧାୟକ

ସତ୍ୟବାଦୀ ବ୍ଲକ ଶ୍ରୀରାମଚନ୍ଦ୍ରପୁର ଗ୍ରାମପଞ୍ଚାୟତରେ ଗୁରୁବାର ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ୬ଲକ୍ଷ ଟଙ୍କା ବ୍ୟୟରେ ନହଳା ଉ.ପ୍ରା. ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଭୋଜନ ଗୃହ, ପଞ୍ଚାୟତ କାର୍ଯ୍ୟାଳୟରେ ୬.୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କ୍ୱାର୍ଟର୍ସ, ଗୋପୀନାଥ ମନ୍ଦିର ନିକଟରେ ୫ଲକ୍ଷ ଟଙ୍କାରେ ନିର୍ମିତ ଗୋଷ୍ଠୀମଣ୍ଡପ ଏବଂ ୭ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଶ୍ରୀରାମଚନ୍ଦ୍ରପୁର ଅଙ୍ଗନୱାଡ଼ି କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଅନୁଷ୍ଠିତ ସଭାରେ ବିଧାୟକ ସାମନ୍ତରାୟ ଉଦ୍‌ବୋଧନ ଦେଇ ଶ୍ରୀରାମଚନ୍ଦ୍ରପୁର ଏବଂ ମୂଳଅଳସା ପଞ୍ଚାୟତର ପ୍ରତି ଘରେ ସ୍ୱଚ୍ଛ ପିଇବା ପାଣି ଯୋଗାଣ ଓ ବଡ଼ବନ୍ଧ ବ୍ରିଜ ନିର୍ମାଣ କରାଯିବ ବୋଲି କହିଥିଲେ। ସେହିପରି ବିଦ୍ୟୁତ୍, କୃଷି, ଶିକ୍ଷା ଓ ମନ୍ଦିର ଅଞ୍ଚଳର ବିକାଶ ସହିତ ଗରିବଙ୍କ ଲାଗି ପକ୍କାଘର, ସାକ୍ଷୀଗୋପାଳ ରେଲୱେ ଓଭରବ୍ରିଜ ଏବଂ ଓଡ଼ିଆ ବିଶ୍ୱବିଦ୍ୟାଳୟ ନିର୍ମାଣ ଖୁବ୍‌ଶୀଘ୍ର ହେବ ବୋଲି ବିଧାୟକ କହିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସସ୍ମିତା ପ୍ରଧାନ, ବିଡିଓ କ୍ଷୀରୋଦ କୁମାର ବେହେରା, ଆମ୍ବ ଅଧ୍ୟକ୍ଷ ରାମଚନ୍ଦ୍ର ମହାନ୍ତି, ଉପାଧ୍ୟକ୍ଷ ବିକ୍ରମ ଜେନା, ଜିଲା ପରିଷଦ ସଭ୍ୟ ପ୍ରହ୍ଲାଦ ଘଡ଼ୁଆରୀ, ବ୍ଲକ ବିଜେଡି ସଭାପତି ପ୍ରମୋଦ ରାଉତରାୟ, ସରପଞ୍ଚ ମଞ୍ଜରୀ ମୁଦୁଲି ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ପୂର୍ବତନ ସମିତି ସଭ୍ୟ ସୋମନାଥ ମୁଦୁଲି ସ୍ୱାଗତ ଭାଷଣ ଦେଇଥିଲେ। ନହଳା ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ହରପ୍ରିୟା କର, ସିଆର୍‌ସିସି ସୁକାନ୍ତ ମିଶ୍ର, ଶିକ୍ଷକ ବିଜୟ କୁମାର ଦାସ, କନିଷ୍ଠ ଯନ୍ତ୍ରୀ ନିବେଦିତା କାନୁନଗୋ, ପ୍ରମଥା ଦାଶ, ଭିଏଲ୍‌ଡବ୍ଲ୍ୟୁ ବଳରାମ ପ୍ରଧାନ, ନାଏବ ସରପଞ୍ଚ, ସ୍ୱାଗତିକା ସାହୁ, ପଞ୍ଚାୟତ ସହାୟକ ଗୋପକୃଷ୍ଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅଭୟ ନନ୍ଦ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ବିଧାୟକ ଉମାକାନ୍ତ ସାମନ୍ତରାୟ ଏବଂ ଅନ୍ୟ ଅତିଥିମାନେ ।

## କାର୍ତ୍ତିକ ପୂର୍ଣ୍ଣିମା ପାଇଁ ୫ ପ୍ଲାଟୁନ ଫୋର୍ସ ମୁତୟନ

ପୁରୀ ଅଫିସ, ୧୮।୧୧:

ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ଶ୍ରୀକ୍ଷେତ୍ରରେ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ, ଜିଲା ପ୍ରଶାସନ ଏବଂ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଶୁକ୍ରବାର କାର୍ତ୍ତିକ ପୂର୍ଣ୍ଣିମାରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସୁନାବେଶ ବା ରାଜରାଜେଶ୍ୱର ବେଶ ଅନୁଷ୍ଠିତ ହେବ। ତେବେ କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ବନ୍ଦ ରଖାଯାଇଛି। ଫଳରେ ମହାପ୍ରଭୁଙ୍କ ସୁନାବେଶ ଦର୍ଶନରୁ ଭକ୍ତ ବଞ୍ଚିତ ହେବେ। ସେହିପରି ମହୋଦଧି ସମେତ ତୀର୍ଥ ପୁଷ୍କରିଣୀରେ ଡଙ୍ଗା ଭସାଇବା ଓ ବୁଡ଼ ପକାଇବାବେଳେ କୋଭିଡ୍ କଟକଣା ମାନିବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ଗହଳିକୁ ନିୟନ୍ତ୍ରଣ କରିବା ନିମନ୍ତେ ପୋଲିସ ପ୍ରଶାସନ ପକ୍ଷରୁ ୨ ଅତିରିକ୍ତ ଏସ୍‌ପି, ୪ ଡିଏସ୍‌ପି, ୬ ଇନ୍ସପେକ୍ଟର, ୧୨ ଜଣ ଅଫିସର ଏବଂ ୫ ପ୍ଲାଟୁନ ଫୋର୍ସ ସହିତ ବେଳାଭୂମି ଏବଂ ତୀର୍ଥ ପୁଷ୍କରିଣୀଗୁଡ଼ିକ ନିକଟରେ ଅଗ୍ନିଶମ କର୍ମଚାରୀ ଓ ଲାଇଫ ଗାର୍ଡ ନିୟୋଜିତ ରହିବେ ବୋଲି ସିଟି ଡିଏସ୍‌ପି ଜନାର୍ଦ୍ଦନ ପାଢୀ ସୂଚନା ଦେଇଛନ୍ତି।

## ବନମାଳୀ ବ୍ରହ୍ମଚାରୀ ଥିଲେ ଅନ୍ୟମାନଙ୍କ ମାର୍ଗଦର୍ଶକ

ଗୋପ,୧୮।୧୧(ଡି.ଏନ୍.ଏ.)

ବନମାଳୀ ବ୍ରହ୍ମଚାରୀଙ୍କ ପରି ଶିକ୍ଷକ ହୁଅ, କାରଣ ଆଜିର ସମାଜରେ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତାଙ୍କ ଆର୍ଦଶରେ ଅନୁପ୍ରାଣିତ ହେଲେ ସମାଜ ଆଗକୁ ଯିବା ସହ ଶିକ୍ଷକ ସମାଜ ମଧ୍ୟ ଆଗକୁ ଯାଇପାରିବ ବୋଲି ଗୁରୁବାର ଖଡିଶସ୍ଥିତ ସନାତନ ନୋଡାଲ ସ୍କୁଲ ପରିସରରେ ଆୟୋଜିତ ବନମାଳୀ ବ୍ରହ୍ମଚାରୀ ଜୟନ୍ତୀ ଉତ୍ସବ ପାଳନ ଅବସରରେ ପୁରୀ ଜିଲା ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ସଭାପତି ସୁଶାନ୍ତ କୁମାର ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ବନମାଳୀ ବ୍ରହ୍ମଚାରୀ ଅନ୍ୟମାନଙ୍କ ଲାଗି ମାର୍ଗଦର୍ଶକ ଥିଲେ। ଶିକ୍ଷାବିତ ସତ୍ୟପୀର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ ଯୁବରାଜ ବିଶ୍ୱାଳ, ରାଜକିଶୋର ଜେନା, ଜଟାଧାରୀ ବେହେରା, ଶରତ ପରିଡ଼ା, ଦୁର୍ଯ୍ୟୋଧନ ପରିଡା ପ୍ରମୁଖ ବନମାଳୀ ବ୍ରହ୍ମଚାରୀଙ୍କ ଜୀବନୀ ଉପରେ କହିଥିଲେ। ସନାତନ ନୋଡାଲ ପ୍ରଧାନ ଶିକ୍ଷକ ଅଚ୍ୟୁତାନନ୍ଦ ପ୍ରଧାନ, ବରିଷ୍ଠ ଶିକ୍ଷାବିତ ସତ୍ୟପୀର ନାୟକଙ୍କୁ ସମ୍ମାନିତ କରାଯାଇଥିଲା। ପୁରୀ ଜିଲା ଅବସରପ୍ରାପ୍ତ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ସଭାପତି କୈଳାସ ଚନ୍ଦ୍ର ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଚୋରି କରି ୨ ଗିରଫ

ପୁରୀ ଅଫିସ,୧୮।୧୧

ଜଣେ ଶ୍ରଦ୍ଧାଳୁଙ୍କଠାରୁ ମନିପର୍ସ ଚୋରି ଅଭିଯୋଗରେ ସିଂହଦ୍ୱାର ଥାନା ପୋଲିସ ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଅଞ୍ଚଳର ନିରଞ୍ଜନ ଦାଶଙ୍କୁ ଗିରଫ କରିଛି। ତାଙ୍କ ଠାରୁ ୩ଟି ମନିପର୍ସ ଜବତ ହୋଇଛି। ସେହିଭଳି ମୋବାଇଲ, ସ୍କୁଟି ଚୋରି ଅଭିଯୋଗରେ କୁମ୍ଭାରପଡ଼ା ପୋଲିସ ବାସେଳି ସାହି ଥାନା ଲୋକନାଥ ରୋଟ ଥାନାପତି ଲେନ୍‌ର ଚିନ୍ମୟ ମିଶ୍ରଙ୍କୁ ଗିରଫ କରିଛି। ତାଙ୍କଠାରୁ ମୋବାଇଲ ଓ ସ୍କୁଟି ଜବତ ହୋଇଛି ।

## ମହିଳା ବିକାଶ ସଂଗଠନର ବୈଠକ

ପୁରୀ ଅଫିସ୍,୧୮।୧୧

ସିଦ୍ଧମହାବୀର ନିକଟସ୍ଥ ନୀଳାଚଳ କୃଷକ ମହାସଂଘର ମୁଖ୍ୟ କାର୍ଯ୍ୟାଳୟରେ ମହିଳା ସଂଗଠନର ପୂର୍ବତନ ସମ୍ପାଦିକା ସୁପ୍ରିୟା ପାହାଡସିଂଙ୍କ ଅଧ୍ୟକ୍ଷତାରେ ମହିଳା ବିକାଶ ସଂଗଠନର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମହିଳା ସଭ୍ୟା ମୀନତି ପାତାଳସିଂ, ତୁନିଲତା ପରିଡା ଏବଂ ସସ୍ମିତା ପ୍ରଧାନ ଯୋଗଦେଇ ଅଦିନିଆ ବର୍ଷାରେ ଫସଲର କ୍ଷୟକ୍ଷତି, ମହିଳାମାନେ କିପରି ଆତ୍ମନିର୍ଭରଶୀଳ ହେବେ ତାହା ଆଲୋଚନା କରିଥିଲେ। ଏହାସହ ଆସିଥିବା ପ୍ରୋଜେକ୍ଟ ସମ୍ପର୍କରେ ଆଲୋଚନା ପାଇଁ ସମ୍ପାଦିକା ରାଜଲକ୍ଷ୍ମୀ ଛୋଟରାୟଙ୍କୁ ଅନୁରୋଧ କରିଥିଲେ। ଏଗ୍ରିକଲଚର ଫାର୍ମସ୍ ପ୍ରଡକ୍ଟ ଅର୍ଗାନାଇଜେଶନ ଚେୟାରମ୍ୟାନ ଅକ୍ଷୟ ମହାପାତ୍ର ଯୋଗଦେଇ ମହିଳାମାନେ କିପରି ରୋଜଗାରକ୍ଷମ ହେବେ ସେନେଇ ଆଲୋଚନା କରିଥିଲେ। ସମ୍ପାଦିକା ଛୋଟରାୟ ଏକ ୫ଜଣିଆ ଷ୍ଟିୟରିଂ କମିଟି ଗଠନ କରି ପ୍ରତି ବ୍ଲକ୍‌ରେ ସଭ୍ୟ ସଂଗ୍ରହ କରିବା ପାଇଁ ପରାମର୍ଶ ଦେଇଥିଲେ। କମିଟିର ସସ୍ମିତା ପ୍ରଧାନଙ୍କୁ ଚେୟାରମ୍ୟାନ ଭାବେ ମନୋନୀତ କରାଯାଇଥିଲା। ନୀଳାଚଳ କୃଷକ ମହାସଂଘର ସଭାପତି ଗୋପୀନାଥ ମିଶ୍ର, ଉପାଧ୍ୟକ୍ଷ ନିରଞ୍ଜନ ମହାପାତ୍ର, ଉଗ୍ରସେନ ବିଶ୍ୱାଳ ଓ ମାଧବ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ତହସିଲ ପକ୍ଷରୁ ମାଙ୍କଡ଼ା ଖଣିରେ ଚଢ଼ାଉ

**ବେଗୁନିଆ,୧୮।୧୧(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ବେଗୁନିଆ ତହସିଲ ପ୍ରଶାସନ ପକ୍ଷରୁ ବିଭିନ୍ନ ବେଆଇନ ଖଣିରେ ଚଢ଼ାଉ କରାଯାଇଛି। ତେବେ ଚଢ଼ାଉ ସମୟରେ ମାଫିଆମାନେ ଖସି ପଳାଇଥିଲେ। ବୁଧବାର ସନ୍ଧ୍ୟାରେ ରାଉତପଡ଼ା ମାଙ୍କଡ଼ା ଖଣିରୁ ୨ଟି ଏବଂ ଗୁରୁବାର ଗୋଡ଼ା ଖଣିରୁ ୧ଟି କୃଷି ଯନ୍ତ୍ରପାତି (ପାୱାରଟିଲର) ଜବତ ହୋଇଛି। ଜବତ ଯନ୍ତ୍ରପାତିଗୁଡିକ ତହସିଲ କାର୍ଯ୍ୟାଳୟରେ ରଖାଯାଇ ମାଲିକଙ୍କ ପରିଚୟ ଖୋଜାଯାଉଛି। ଜରିମାନା ବଦଳରେ ମାଲିକଙ୍କ ବିରୋଧରେ ମାମଲା ରୁଜୁ ହେବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର ପୃଥ୍ୱୀରାଜ ମଣ୍ଡଳ କହିଛନ୍ତି। ପ୍ରକାଶ ଯେ, ବେଗୁନିଆ ବ୍ଲକ ଅଞ୍ଚଳର ଚାଷୀ ପରିବାରଙ୍କୁ ସବ୍‌ସିଡିରେ କୃଷି ଯନ୍ତ୍ରପାତି ଯୋଗାଇ ଦିଆ ନ ଯାଇ ହାତଗୁଞ୍ଜା ଦେଲେ ମାଫିଆଙ୍କୁ ମିଳୁଛି ବୋଲି ଚାଷୀଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା।

### ଗାଡ଼ି ଧକ୍କାରେ ୨ ଗୋରୁ ମୃତ

**ବାଲୁଗାଁ,୧୮।୧୧(ଡି.ଏନ୍.ଏ.):** ବାଲୁଗାଁ ବଜାର ରେଳ ଓଭରବ୍ରିଜ ରାସ୍ତା ପାର୍ଶ୍ୱରେ ଶୋଇଥିବା ଗୋରୁଙ୍କୁ ଗୁରୁବାର ଏକ ଗାଡ଼ି ଧକ୍କା ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ଏହି ଗାଡ଼ି ଧକ୍କାରେ ୨ଟି ଗୋରୁଙ୍କ ମୃତ୍ୟୁ ଘଟିଥିବା ବେଳେ ଗୋଟିଏ ଗୋରୁ ଗୁରୁତର ଆହତ ହୋଇଛି। ଖବରପାଇ ବାଲୁଗାଁ ଏନ୍‌ଏସି ସଫେଇ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ୨ ମୃତ ଗୋରୁଙ୍କୁ ଉଦ୍ଧାର କରି ପୋତି ଦେଇଥିଲେ। ଆହତ ଗୋରୁଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ପ୍ରାଣୀ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

### ମନ୍ଦିରରେ ୧୪୪ ଧାରା

**ନିରାକାରପୁର,୧୮।୧୧(ଡି.ଏନ୍.ଏ.):** କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି କାର୍ତ୍ତିକ ପୂର୍ଣ୍ଣମୀ ପାଇଁ ପ୍ରଶାସନ ପକ୍ଷରୁ ନିରାକାରପୁର ସମେତ ଏହାର ଆଖପାଖ ପଞ୍ଚାୟତରେ ଥିବା ସମସ୍ତ ମନ୍ଦିରରେ ୧୪୪ ଧାରା ଜାରି କରାଯାଇଛି। ଗୁରୁବାର ସ୍ଥାନୀୟ ପୋଲିସ ପକ୍ଷରୁ ଏକ ଗାଡି ମାଧମରେ ପଞ୍ଚାୟତରେ ଥିବା ଗ୍ରାମଗୁଡ଼ିକରେ ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର କରାଯାଇଛି। କାର୍ତ୍ତିକ ପୂର୍ଣ୍ଣମୀରେ ମନ୍ଦିରରେ ୧୪୪ ଧାରା ଜାରି ରହିଛି, କେହି ମନ୍ଦିରକୁ ଯିବେ ନାହିଁ। ଘରେ ରହି ଗତବର୍ଷ ଭଳି ପାଳନ କରିବେ ବୋଲି ସୂଚନା ଦିଆଯାଇଛି।

### ଲକ୍ଷ୍ମୀନାରାୟଣଙ୍କ ପୂଜା ଉତ୍ସବ

**ବାଲୁଗାଁ,୧୮।୧୧(ଡି.ଏନ୍.ଏ.):** କରୋନା ଯୋଗୁ ନିରାଡ଼ମ୍ବରଭାବେ ବାଲୁଗାଁ ଏନ୍‌ଏସି ୯ ନମ୍ବର ୱାର୍ଡ ଅନ୍ତର୍ଗତ କୁଲାକୁଣ୍ଡେଇ ନୂଆଗାଁ ଗ୍ରାମରେ ଲକ୍ଷ୍ମୀ ନାରାୟଣଙ୍କ ପୂଜା ଉତ୍ସବ ଓ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବ ଗତ ୧୪ ତାରିଖଠାରୁ ଅଧିବାସ ଆରମ୍ଭ ହୋଇ ଗୁରୁବାର ପୂର୍ଣ୍ଣାହୁତି ତଥା ଯମୁନା ସ୍ନାନ ସମାପନ ହୋଇଛି। ଏହି ତିନିଦିନ ଏଠାରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଠାକୁରଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା।

### ବତକ ପାଳନ ସମ୍ପର୍କିତ ତାଲିମ ଶିବିର

**ବୋଲଗଡ଼,୧୮।୧୧(ଡି.ଏନ୍.ଏ.):** ବୋଲଗଡ଼ ବ୍ଲକ ପ୍ରାଣୀ ଚିକିତ୍ସାଳୟ ପରିସରରେ ବତକ ପାଳନ ସମ୍ପର୍କିତ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। 'ବାଡ଼ି ଅଗଣାରେ ବତକ ପାଳନ' ଶୀର୍ଷକ ଏହି ଶିବିରରେ ୧୬ଜଣ ହିତାଧିକାରୀ ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ। ଏଥିସହ ଚାଷୀଙ୍କୁ ମାଗଣାରେ ୫୦ଟି ଲେଖାଏ ବତକ ଛିଆଁ ପ୍ରଦାନ କରାଯାଇଛି। ପ୍ରାଣୀ ଚିକିତ୍ସା ଅଧିକାରୀ ଶଙ୍କର୍ଷଣ ମାହୁନ୍ତ, ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ସ୍ମୃତି ନନ୍ଦ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିବା ସହ ରାଜ୍ୟ ସରକାରଙ୍କ ୫-ଟି ଅଧୀନ ସମନ୍ୱିତ କୃଷି ବିକଶ ଯୋଜନା ଅନୁଯାୟୀ ରାଜ୍ୟବାସୀଙ୍କ ପୁଷ୍ଟିସାର ଅଭାବଜନିତ ଅସୁବିଧା ଦୂର ପାଇଁ ଏହା ଉପଯୋଗୀ ହୋଇପାରିବ ବୋଲି କହିଥିଲେ। ସମନ୍ୱିତ ଚାଷ ଯୋଜନାରେ ଯେଉଁମାନେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ପୋଖରୀ ଖୋଳିଛନ୍ତି, ସେମାନଙ୍କୁ ଏହି ବତକ ପାଳନ ପାଇଁ ଅଗ୍ରାଧିକାର ଭିତ୍ତିରେ ହିତାଧିକାରୀ ଚୟନ କରାଯିବ। ଏପରିକି ନିଜସ୍ୱ ପୋଖରୀ ଥିବା ଲୋକମାନେ ମଧ ଏଥିରେ ସାମିଲ ହୋଇପାରିବେ ବୋଲି ଡ. ମାହୁନ୍ତ କହିଛନ୍ତି। ଖୋର୍ଦ୍ଧା ଜିଲାରେ ପ୍ରଥମ ଥର ପାଇଁ ବୋଲଗଡ ବ୍ଲକ ଅଞ୍ଚଳରେ ଏହି ବତକ ପାଳନ(ଚାଷ) ଆରମ୍ଭ କରାଯାଇଛି। ଏହି ଚାଷ ପାଇଁ ୫୦ଟି ପ୍ରକଳ୍ପ ପକ୍ଷରୁ ଆବେଦନ କରାଯାଇଥିବା ବେଳେ ସେଥିରୁ ବୋଲଗଡ ଅଞ୍ଚଳରେ ୧୬ଟି କାର୍ଯ୍ୟକାରୀ ହୋଇଛି। ପ୍ରତ୍ୟେକ ହିତାଧିକାରୀଙ୍କୁ ବତକ ରହିବା ପାଇଁ ଘର ନିର୍ମାଣ ନିମନ୍ତେ ୧୦୦୦ ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି।

# ବିଦ୍ୟାଳୟରେ ଶୈକ୍ଷିକ ବାତାବରଣକୁ ଗୁରୁତ୍ୱ

**ଖୋର୍ଦ୍ଧା ଅଫିସ,୧୮।୧୧**

ରାଜ୍ୟରେ ସ୍କୁଲ ରୂପାନ୍ତର ପର୍ବ ଜାରି ରହିଛି। ୫-ଟି ସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମର ଚତୁର୍ଥ ଦିବସରେ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସରେ ୫ ଜିଲାର ୧୫୮ ରୂପାନ୍ତରିତ ସ୍କୁଲକୁ ଲୋକାର୍ପଣ କରିଛନ୍ତି। ଏଥିରେ ଖୋର୍ଦ୍ଧାର ୩୮ସ୍କୁଲ ରହିଛି। ଭୁବନେଶ୍ୱରସ୍ଥିତ ୟୁନିଟ-୮ ସରକାରୀ ବାଳକ ବିଦ୍ୟାଳୟର ଛାତ୍ର ଉଦୟ ପ୍ରକାଶ ବେହେରା ରୂପାନ୍ତରିତ ବିଦ୍ୟାଳୟ ସମ୍ପର୍କରେ ନିଜ ମତ ଉପସ୍ଥାପନ କରିଥିଲେ। ତାଙ୍କ ଉପସ୍ଥାପନାରେ ମୁଖ୍ୟମନ୍ତ୍ରୀ ଏବଂ ୫-ଟି ସଚିବ ଖୁସି ବ୍ୟକ୍ତ କରିଥିଲେ। ମୁଖ୍ୟମନ୍ତ୍ରୀ ଉଦୟଙ୍କୁ ୨ଟି ପ୍ରଶ୍ନ ପଚାରିଥିଲେ। ସନ୍ତୋଷଜନକ ଉତ୍ତର ପାଇ ତାଳି ମାରି ଉତ୍ସାହିତ କରିଥିଲେ।



କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ, ଜିଲାପାଳ ଓ ଅନ୍ୟମାନେ।

**ଖୋର୍ଦ୍ଧାର ୩୮ ସ୍କୁଲ ଲୋକାର୍ପିତ**

ଏହି ଅବସରରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ରାଜେନ୍ଦ୍ର ସାହୁଙ୍କ ସମେତ ଅନ୍ୟ ବିଧାୟକ, ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର, ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ, ଜିଲା ଶିକ୍ଷାଧିକାରୀ ବନ୍ଦନା ମହାପାତ୍ରଙ୍କ ସମେତ ମଣ୍ଡଳ ଉନ୍ନୟନ ଅଧିକାରୀ, ସମସ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଏବଂ ୩୮ଟି ବିଦ୍ୟାଳୟର ପ୍ରଧାନଶିକ୍ଷକ, ଆଲୁମିନି, ଏସ୍‌ଏମ୍‌ସି ସଦସ୍ୟ, ଛାତ୍ରୀଛାତ୍ର ଓ ଅଭିଭାବକ ଯୋଗ ଦେଇଥିଲେ। ଏହି ବିଦ୍ୟାଳୟଗୁଡ଼ିକ ମଧ୍ୟରେ ଭୁବନେଶ୍ୱର ମହାନଗର ୧୮ ଏବଂ ୧୦ଟି ବ୍ଲକର ୨ଟି ଲେଖାଏ ବିଦ୍ୟାଳୟ ରହିଛି। ଏହି ବିଦ୍ୟାଳୟଗୁଡିକରେ ଏକାଧିକ ସ୍ମାର୍ଟ କ୍ଲାସ ରୁମ, ଗୋଟିଏ ଲେଖାଏ ଇ-ପାଠାଗାର, ସ୍ମାର୍ଟ ବିଜ୍ଞାନ ପରୀକ୍ଷାଗାର, ଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା ଓ ଉନ୍ନତ ଶୌଚାଳୟ, ସ୍ମାର୍ଟ ଖେଳପଡ଼ିଆ ଏବଂ ବିଭିନ୍ନ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାଯାଇଛି।

**ଏମାନେ କ'ଣ କୁହନ୍ତି...**

"ବିଦ୍ୟାଳୟରେ ଶୈକ୍ଷିକ ବାତାବରଣ ଉପରେ ଗୁରୁତ୍ୱ ଦିଆଯାଇଛି। ଏହା ଦ୍ୱାରା ପିଲାଙ୍କ ମଧ୍ୟରେ ପାଠପଢ଼ା ପ୍ରତି ଆଗ୍ରହ ବୃଦ୍ଧି ପାଇବ। ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ସହ ପିଲାଙ୍କ ସୃଜନଶୀଳତାର ମଧ ବିକାଶ ଘଟିବ।
**ସଂଗ୍ରାମ କେଶରୀ ମହାପାତ୍ର, ଜିଲାପାଳ**

"ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମର ଏକ ଅଂଶ ଭାବେ ବିଦ୍ୟାଳୟଗୁଡିକ ସ୍ମାର୍ଟ କ୍ଲାସ, ଇ-ଲାଇବ୍ରେରୀ ସହ କ୍ରୀଡ଼ାର ଭିତ୍ତିଭୂମିର ବିକାଶ ପ୍ରତି ଗୁରୁତ୍ୱ ଦିଆଯାଇଛି। ପିଲାଙ୍କ ସର୍ବାଙ୍ଗୀନ ବିକାଶ ଦିଗରେ ସହାୟକ ହୋଇପାରିବ।
**ବନ୍ଦନା ମହାପାତ୍ର, ଜିଲା ଶିକ୍ଷାଧିକାରୀ**

"ରାଜ୍ୟରେ ଶିକ୍ଷାର ପ୍ରଗତି ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ସରକାରୀ ସ୍ତରରେ ପଢୁଥିବା ପିଲାଙ୍କ ଦକ୍ଷତା ବିକାଶ, ସେମାନଙ୍କ ପ୍ରତିଭା ବିକାଶ ପାଇଁ ସରକାର ବିଭିନ୍ନ ଯୋଜନା କରୁଛନ୍ତି। ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମ ଏକ ଯୁଗାନ୍ତକାରୀ ପଦକ୍ଷେପ। ଏହା ଦ୍ୱାରା ପିଲାଙ୍କ ମଧ୍ୟରେ ପାଠପଢ଼ା ପ୍ରତି ଉତ୍ସାହ ଆସିବ।
**ମେଜର କ୍ଷୀରୋଧ ପ୍ରସାଦ ମହାନ୍ତି, ପୂର୍ବତନ କୁଳପତି**

"ଏଣିକି ସ୍ମାର୍ଟ କ୍ଲାସରୁମରେ ପଢ଼ି ସ୍ମାର୍ଟ ହେବେ ଛାତ୍ରୀଛାତ୍ର। ସରକାରଙ୍କ ଏହି ବୈପ୍ଳବିକ ପରିବର୍ତ୍ତନ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୂତନ ଉତ୍ସାହ ଆଣିଛି।
**ଭୀମସେନ ପ୍ରଧାନ, ଶିକ୍ଷାବିତ୍**


କାର୍ତ୍ତିକ ପୂର୍ଣ୍ଣମୀ ଉପଲକ୍ଷେ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ସମ୍ମୁଖରେ ଶିଳ୍ପୀଙ୍କ ଦ୍ୱାରା ପ୍ରସ୍ତୁତ ଚିତ୍ରକଳା।

## ପମ୍ପ ହାଉସ ଅପରେଟରଙ୍କ ନାଁରେ ମାମଲା

**ନିରାକାରପୁର,୧୮।୧୧(ଡି.ଏନ୍.ଏ.)**

**ହାତୀ ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ତାର ଘଟଣା**

ହାତୀ ଶିକାର ପାଇଁ ବିଦ୍ୟୁତ୍ ତାର ବିଛା ଯାଇଥିବା ଘଟଣାରେ ଗୁରୁବାର ଜଣେ ପମ୍ପ ହାଉସ ଅପରେଟରଙ୍କ ନାଁରେ ମାମଲା ରୁଜୁ ହୋଇଛି। ସୂଚନା ମୁତାବକ, ଟାଙ୍ଗୀ ବନାଞ୍ଚଳ ଭୂଷଣ୍ଡପୁର ଫରେଷ୍ଟର ଅନ୍ତର୍ଗତ ଖଜୁରିପଡାସ୍ଥିତ ଗ୍ରାମ୍ୟ ପାନୀୟଜଳ ଯୋଗାଣ ଗୃହରୁ ବିଦ୍ୟୁତ୍ ତାର ବିଛାଯାଇ ବିଲରେ ହାତୀକୁ ମାରିବା ପାଇଁ ସଂଯୋଗ ହୋଇଥିଲା। ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଟାଙ୍ଗୀ, ଭୂଷଣ୍ଡପୁର ଓ ଡେଲାଙ୍ଗ ବନକର୍ମଚାରୀଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇ ଉକ୍ତ ସ୍ଥାନକୁ ପଠାଯାଇଥିଲା। ଉକ୍ତ ପମ୍ପ ହାଉସ୍ ଭିତରୁ ବିଦ୍ୟୁତ୍ ତାର ଆସି ବିଲରେ ଗୁଡାଯାଇଥିବା ଜିଆଇ ତାରରେ ସଂଯୋଗ ହୋଇଥିବା ବନ କର୍ମଚାରୀମାନେ ଦେଖିବାକୁ ପାଇଥିଲେ। ପରେ ବନକର୍ମଚାରୀଙ୍କୁ ଦେଖି ପମ୍ପ ହାଉସ ଅପରେଟର ଘଟଣାସ୍ଥଳରୁ ଖସି ପଳାଇଥିଲେ। ବନ ବିଭାଗ ତାର ଜବତ କରିବା ସହ ପମ୍ପ ହାଉସ ଅପରେଟରଙ୍କ ନାଁରେ ଏକ ମାମଲା(ନଂ.୭/୨୧) ରୁଜୁ ହୋଇଛି ବୋଲି ବନାଞ୍ଚଳ ଅଧିକାରୀ ରବିନ୍ଦ୍ର ପଣ୍ଡା କହିଛନ୍ତି। ଅନ୍ୟପଟେ ଏନେଇ ଖୋର୍ଦ୍ଧା ଗ୍ରାମ ପାନୀୟଜଳ ଯୋଗାଣ ଏସ୍‌ଡିଓ ଶରତ ସାହୁ କହିଛନ୍ତି, ଉକ୍ତ ପମ୍ପ ହାଉସ କାର୍ଯ୍ୟ ଆମ ଅଧୀନରେ ନାହିଁ। ସ୍ଥାନୀୟ ସରପଞ୍ଚ ବୁଝାଶୁଝା କରୁଛନ୍ତି।

## ୯୪ ପ୍ରକଳ୍ପକୁ ୬.୪୮କୋଟି ଟଙ୍କା ମଞ୍ଜୁର

**ଖୋର୍ଦ୍ଧା ଅଫିସ,୧୮।୧୧**

ଖୋର୍ଦ୍ଧା ପୌରାଞ୍ଚଳର ହେବ ବିକାଶ। ୨୨ଟି ୱାର୍ଡ ବିଶିଷ୍ଟ ଖୋର୍ଦ୍ଧା ସହରର ରାସ୍ତାଘାଟ, ପାର୍କ, ବସ୍ତିର ଉନ୍ନତି ସହ ଡ୍ରେନ, ପରିମଳ ଏବଂ ଆଧୁନିକୀକରଣ ପାଇଁ ବିଭିନ୍ନ ପ୍ରକଳ୍ପ ବାବଦକୁ ମୁଖ୍ୟମନ୍ତ୍ରୀ ମୁକ୍ତା ଯୋଜନାରେ ୯୪ଟି ପ୍ରକଳ୍ପ ନିର୍ମାଣ ପାଇଁ ୬ କୋଟି ୪୮ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଗୁରୁବାର ବିଜେଡି କାର୍ଯ୍ୟାଳୟଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର କହିଛନ୍ତି। ଖୋର୍ଦ୍ଧା ସହରର ସମଗ୍ର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫-ଟି ସଚିବ ଭି. କାର୍ତ୍ତିକେୟନ ପାଣ୍ଡିଆନଙ୍କ ସହ ଭିଡିଓ କନ୍‌ଫରେନ୍ସରେ ଆଲୋଚନା କରାଯାଇଥିଲା। ଆଲୋଚନା ବେଳେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର, ଖୋର୍ଦ୍ଧା ଉପଜିଲାପାଳ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଆଇ. ଗୌରବ ଶିବାଜୀଙ୍କ ସମେତ ସହରର ବରିଷ୍ଠ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ମିଳିଛି। ଏନେଇ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇ ଦିଆଯାଇଛି। ଉକ୍ତ ଖବରଦାତା ସମ୍ମିଳନୀରେ ଜିଲା ଉପସଭାପତି ଦିଲୀପ କୁମାର ହୋତା, ବିଭୁପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ସୂଚନା ଦେଉଛନ୍ତି।

## ଥାନା ହାଜତରୁ ଅଭିଯୁକ୍ତ ଫେରାର

**ଭୁବନେଶ୍ୱର,୧୮।୧୧(ବ୍ୟୁରୋ)**

- ଲୁଟ୍ ଅଭିଯୋଗରେ ସ୍ୱେଶାଲ୍ ସ୍କ୍ୱାଡ୍ ପୋଲିସ ଗିରଫ କରିଥିଲା
- ଶୌଚ ବାହାନା କରି ଖସି ପଳାଇଲେ
- ପୋଲିସ ମାନିବାକୁ ଅପ୍ରସ୍ତୁତ

ଚନ୍ଦ୍ରଶେଖରପୁର ଥାନା ହାଜତରୁ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଏହି ଘଟଣାକୁ ନେଇ ରାଜଧାନୀରେ ଚର୍ଚ୍ଚା ସୃଷ୍ଟି ହୋଇଛି। ଅଭିଯୁକ୍ତ ଜଣକ ସ୍ଥାନୀୟ ଥାନା ସାଇନ୍ସ ପାର୍କ ବସ୍ତିର ହୋଇଥିବାବେଳେ ଏକ ଲୁଟ୍ ଅଭିଯୋଗରେ ତାଙ୍କୁ ସ୍ୱେଶାଲ ସ୍କ୍ୱାଡ୍ ପୋଲିସ ରବିବାର ଥାନାକୁ ଆଣିଥିଲା। ତାଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରିଥାନ୍ତା। ତେବେ ସେ ପୋଲିସ ହାଜତରୁ କୁଆଡ଼େ ଚାଲିଯାଇଥିବାରୁ ୪୮ ଘଣ୍ଟା ପରେ ମଧ ପୋଲିସ ତାଙ୍କର କୌଣସି ସନ୍ଧାନ ପାଇପାରୁ ନାହିଁ। ଅପରପକ୍ଷରେ ପୋଲିସ ଏହି ଘଟଣାକୁ ଅସ୍ୱୀକାର କରିବା ସହ ପୂର୍ବ ଘଟଣାରେ ନିୟମିତ ଭାବେ ତାଙ୍କୁ ପଚରାଉଚରା ପାଇଁ ଡକାଯାଇଥିଲା। ହେଲେ ସେ ଥାନାରୁ କୁଆଡ଼େ ଚାଲି ଯାଇଛନ୍ତି। ଏହା ପୋଲିସର ମୁଣ୍ଡ ବିନ୍ଧାର କାରଣ ହାଇଛି।

ଏନେଇ ଜୋନ୍-୬ ଏସିପି ପ୍ରକାଶ ଚନ୍ଦ୍ର ପାଲ କହିଛନ୍ତି, ସବୁଦିନ ଥାନାକୁ ଅନେକ ଲୋକ ଆସୁଛନ୍ତି ଯାଉଛନ୍ତି। ସେଭଳି ଗିରଫ ହୋଇ ଅଣାଯାଇଥିବା କୌଣସି ଅଭିଯୁକ୍ତ ଥାନା ହାଜତରୁ ଯାଇନାହାନ୍ତି। ଚନ୍ଦ୍ରଶେଖରପୁର ଥାନା ଅଧିକାରୀ ପ୍ରଦୀପ କୁମାର ରାଉତଙ୍କ କହିବା କଥା, ଯେଉଁମାନଙ୍କ ନାଁରେ ପୁରୁଣା ମାମଲା ରହିଛି ସେମାନଙ୍କୁ ଥାନାରେ ହାଜିରା ଦେବାର ଅଛି। ଅନେକ ସମୟରେ ସେମାନଙ୍କୁ ଥାନାକୁ ଡକାଯାଇ ପଚରାଉଚରା କରାଯାଉଛି। ସେଭଳି ଜଣେ ବ୍ୟକ୍ତି ଥାନାକୁ ଆସି ପଳାଇ ଯାଇଛନ୍ତି ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ମଙ୍ଗଳବାର ସକାଳୁ ଅଭିଯୁକ୍ତ ଜଣକ ଶୌଚ ହେବା ପାଇଁ ଯିବାକୁ କହି ହାଜତରୁ କୁଆଡ଼େ ଚାଲିଯାଇଥିଲେ। ଏହାପରେ ପୋଲିସ ତାଙ୍କୁ ଖୋଜାଖୋଜି କରି ମଧ ପାଇ ନାହିଁ।


ଭାରତୀୟ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କବି ଡ. ରାଜେନ୍ଦ୍ର କିଶୋର ପଣ୍ଡାଙ୍କୁ 'ରାଷ୍ଟ୍ରୀୟ କୁଭେମ୍ପୁ ପୁରସ୍କାର' ପ୍ରଦାନ କରାଯାଉଛି।

# ବୋଇତ ବନ୍ଦାଣ କଟକଣା ନେଇ ଅସନ୍ତୋଷ

**ଖୋର୍ଦ୍ଧା ଅଫିସ,୧୮।୧୧**

କାର୍ତ୍ତିକ ମାସକୁ ଧାର୍ମିକ ମାସ ବୋଲି କୁହାଯାଏ। ଏହି ମାସର ଶେଷଦିନ ତଥା କାର୍ତ୍ତିକ ପୂର୍ଣ୍ଣମୀରେ ବୋଇତ ବନ୍ଦାଣ ପରମ୍ପରା ରହିଛି। ଉତ୍କଳୀୟ ସଂସ୍କୃତିରେ ଡଙ୍ଗା ଭସାଇବା ଓ ବୋଇତ ବନ୍ଦାଣର ବିଶେଷ ଗୁରୁତ୍ୱ ରହିଛି। ଓଡ଼ିଶାର ପୁରପଲ୍ଲୀରେ ଏହାକୁ ଉତ୍ସାହର ସହ ପାଳନ କରାଯାଏ। ତେବେ ଚଳିତବର୍ଷ କରୋନା ମହାମାରୀକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପୋଖରୀ, ପୁଷ୍କରିଣୀରେ ବୋଇତ ବନ୍ଦାଣ ଏବଂ ସ୍ନାନ ଉପରେ କଟକଣା ଜାରି କରିବା ସହ ମନ୍ଦିରରେ ୧୪୪ ଧାରା ଜାରି କରିଛନ୍ତି। ଏନେଇ ବୁଦ୍ଧିଜୀବୀ, ସଂସ୍କୃତିପ୍ରେମୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ସ୍ୱତନ୍ତ୍ର ଉପସ୍ଥାପନା।

**ଏମାନେ କ'ଣ କୁହନ୍ତି...**

"ବୋଇତ ବନ୍ଦାଣ ସହ ଓଡ଼ିଶାର ନୌବାଣିଜ୍ୟ, ସଂସ୍କୃତି ଜଡିତ ରହିଛି। ତେବେ ସରକାର ସଭା ସମିତିକୁ ଅନୁମତି ଦେଉଥିବା ବେଳେ ମନ୍ଦିରରେ ଭକ୍ତଙ୍କ ପ୍ରବେଶ, ଧାର୍ମିକ ଅନୁଷ୍ଠାନ ଉପରେ ସରକାରଙ୍କ ଅଙ୍କୁଶ ନାହିଁ। କରୋନା ଆଳ ଦେଖାଇ ସରକାର ଓଡ଼ିଶାର ସଂସ୍କୃତି ପ୍ରତି କୁଠାରାଘାତ କରୁଛନ୍ତି।
**ପ୍ରଶାନ୍ତ ବେହେରା, ଖୋର୍ଦ୍ଧା**

"କରୋନା ଆଳରେ ଗତବର୍ଷ ମହାପ୍ରଭୁଙ୍କ ନାଗାର୍ଜୁନ ଦର୍ଶନରୁ ଭକ୍ତ ବଞ୍ଚିତ ହୋଇଥିଲେ। ଚଳିତବର୍ଷ ମଧ ମହାପ୍ରଭୁଙ୍କ ରତ୍ନସିଂହାସନରେ ରାଜାଧିରାଜ ବେଶ ଦର୍ଶନରୁ ବଞ୍ଚିତ ହେବେ। ବଡ଼ଓଷାରେ ଶୈବପୀଠରେ ଦର୍ଶନ ବନ୍ଦ କରିଦେଲେ। ଏବେ ବୋଇତ ବନ୍ଦାଣ ଉପରେ ମଧ କଟକଣା ଜାରି କରିଛନ୍ତି। ଏହା ଦ୍ୱାରା ଲୋକଙ୍କ ଧାର୍ମିକ ଭାବନାକୁ ଶକ୍ତ ଆଘାତ ଲାଗିଛି।
**ଓମ୍‌ପ୍ରକାଶ ମହାନ୍ତି, ମଙ୍ଗଳାନଗର**

"ସରକାର କରୋନା ଆଳ ଦେଖାଇ ଉତ୍କଳୀୟ ସଂସ୍କୃତି, ପରମ୍ପରାକୁ ଅଣଦେଖା କରୁଛନ୍ତି। ସଭାସମିତି ଆୟୋଜନରେ କରୋନା ବ୍ୟାପୁ ନ ଥିବା ବେଳେ ଧାର୍ମିକ କାର୍ଯ୍ୟକ୍ରମରେ କରୋନା ବ୍ୟାପିବା ନେଇ ସରକାରଙ୍କ ଆଶଙ୍କା ବୃଦ୍ଧିକୁ ନେଇ ସନ୍ଦେହ ସୃଷ୍ଟି ହେଉଛି। ବୋଇତ ବନ୍ଦାଣ ଉତ୍ସବ ଓଡ଼ିଶାର ମହାନ୍ ପର୍ବ। ମନ୍ଦିରରେ ଭକ୍ତଙ୍କ ପ୍ରବେଶ ବନ୍ଦ ପରେ ପୁଣି ଏବେ ବୋଇତ ବନ୍ଦାଣକୁ ମନା କହିବା କୌଣସି ଆବଶ୍ୟକ ନ ଥିଲା।
**ଆଦିତ୍ୟ ମହାରଣା, ଗୁରୁଜଙ୍ଗ**

"ସଂସ୍କୃତି ଓ ପରାମ୍ପରାକୁ ନେଇ ଆମ ପରିଚୟ। ଗୋଟିଏ ଜାତି ତା'ର ଗୌରବମୟ ଐତିହ୍ୟକୁ ନେଇ ଗର୍ବ କରେ। କରୋନାକୁ ଦୃଷ୍ଟିରେ ରଖି ସରକାରଙ୍କ ସମସ୍ତ ନିର୍ଦ୍ଦେଶନାମାକୁ ଓଡ଼ିଶାବାସୀ ଗ୍ରହଣ କରିଛନ୍ତି। ରାଜ୍ୟରେ କରୋନା ନିୟନ୍ତ୍ରଣ ରହିଥିବା ନେଇ ସରକାର କହୁଥିବା ବେଳେ ଧାର୍ମିକ ଅନୁଷ୍ଠାନକୁ ବନ୍ଦ ରଖିଛନ୍ତି। ବୋଇତ ବନ୍ଦାଣ ଓଡ଼ିଆଙ୍କ ପାରମ୍ପରିକ ଉତ୍ସବ। ନିୟନ୍ତ୍ରଣ ସତ୍ତ୍ୱେ ଡଙ୍ଗାଭସା ଉପରେ ମଧ କଟକଣା ଜାରି କରିଛନ୍ତି।
**ଗଙ୍ଗାଧର ଦାଶ, ଖୋର୍ଦ୍ଧା**

"ପ୍ରତ୍ୟେକ ଓଡ଼ିଆ ବୋଇତ ବନ୍ଦାଣ ବେଳେ ନିଜର ଗୌରବମୟ ନୌବାଣିଜ୍ୟ ଇତିହାସକୁ ମନେପକାଇ ଗର୍ବିତ ହୋଇଥାଏ। ତେବେ କରୋନା ନିୟନ୍ତ୍ରଣ ସତ୍ତ୍ୱେ ଏଭଳି କଟକଣା ଆବଶ୍ୟକ ନାହିଁ। ନେତା, କର୍ମୀଙ୍କ ସମାବେଶ ବେଳେ କ'ଣ କରୋନା ଚାଲିଯାଉଛି। ବୋଇତ ବନ୍ଦାଣ ବେଳେ ମାଡି ଆସିବ, ଏହା ଗ୍ରହଣୀୟ ନୁହଁ।
**ବଜେନ୍ଦ୍ର ଚୌଧୁରୀ, ସାମନ୍ତରାପୁର**

"ଓଡ଼ିଆଙ୍କ ପର୍ବପର୍ବାଣି, ଚାଲିଚଳଣି ମଧ୍ୟରେ ସଂସ୍କୃତି ପରମ୍ପରା ଅଙ୍ଗାଙ୍ଗୀ ଭାବେ ଜଡିତ ରହିଛି। ସଂସ୍କୃତି ହେଉଛି ଗୋଟିଏ ଜାତିର ଅସ୍ମିତା। ଅସ୍ମିତା ନ ରହିଲେ, ସଂସ୍କୃତି ବିଲୁପ୍ତ ହୋଇଯିବ। ବୋଇତ ବନ୍ଦାଣ ଉତ୍ସବକୁ ପ୍ରତ୍ୟେକ ଓଡ଼ିଆ ଗର୍ବ ଅନୁଭବ କରନ୍ତି। ଏହାକୁ ସରକାର ବନ୍ଦ କରିବା ଗ୍ରହଣୀୟ ନୁହେଁ।
**ଧନେଶ୍ୱର ବିଧାର, ସାମାଜିକ କର୍ମୀ**

"ପିପିଲି ଭୋଟ ପ୍ରଚାର ଓ ବିଭିନ୍ନ ସମୟରେ ଆୟୋଜିତ ହେଉଥିବା ସଭାସମିତିରେ କରୋନା ବ୍ୟାପୁନି, ତେବେ ଧାର୍ମିକ କାର୍ଯ୍ୟରେ କିପରି କରୋନା ବ୍ୟାପିବ ବୋଲି ସରକାର ଚିନ୍ତା କରୁଛନ୍ତି! ବୋଇତ ବନ୍ଦାଣ ଏକ ପ୍ରାଚୀନ ପରମ୍ପରା। ସରକାର ଗୋଟିଏ ପରେ ଗୋଟିଏ ସଂସ୍କୃତି, ପରମ୍ପରାକୁ ଭଗ୍ନ କରିବାରେ ଲାଗିଛନ୍ତି। ଏହା ଅତ୍ୟନ୍ତ ନିନ୍ଦନୀୟ।
**ଲାଲଟୁ ମଙ୍ଗରାଜ, ବେରୁଆଁ, ଖୋର୍ଦ୍ଧା**

## ୨୬ରୁ ନବମ ଛାତ୍ରୀଛାତ୍ରଙ୍କ ପରୀକ୍ଷା

**କଟକ,୧୮।୧୧**

ନବମ ଶ୍ରେଣୀ ଛାତ୍ରୀଛାତ୍ରମାନେ ଆସନ୍ତା ୨୬ତାରିଖରୁ ୨୯ତାରିଖ ପର୍ଯ୍ୟନ୍ତ ଅଫଲାଇନ୍‌ରେ ପରୀକ୍ଷା ଦେବେ। ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍‌ଇ)ଓଡ଼ିଶା ପକ୍ଷରୁ ଏନେଇ ଗୁରବାର ନୋଟିସ ପ୍ରକାଶ ପାଇଛି। କୋଭିଡ୍ ଗାଇଡ୍‌ଲାଇନ ଅନୁସାରେ ପରୀକ୍ଷା ହେବ ବୋଲି ସୂଚନା ଦିଆଯାଇଛି। ନଭେମ୍ବର ୨୩ତାରିଖରେ କଟକ ବିଏସ୍‌ଇ ପକ୍ଷରୁ ପ୍ରଶ୍ନପତ୍ର ଓ ପରୀକ୍ଷା ଉପକରଣ ଯୋଗାଇ ଦିଆଯିବ। ସମସ୍ତ ଜିଲାର ଶିକ୍ଷାଧିକାରୀମାନେ ୨୪ତାରିଖରେ ନୋଡାଲ ସେଣ୍ଟରରୁ ଏହି ପ୍ରଶ୍ନପତ୍ରକୁ ପରୀକ୍ଷା କେନ୍ଦ୍ରଗୁଡ଼ିକୁ ଆଣିବାରେ ତଦାରଖ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଉପକରଣଗୁଡ଼ିକ ଗୋଟିଏ ଥରରେ କିମ୍ବା ପ୍ରତି ପରୀକ୍ଷା ଦିନ ପହଞ୍ଚିବ ଏନେଇ ମଧ ଜିଲାର ଶିକ୍ଷାଧିକାରୀମାନେ ପରୀକ୍ଷା କେନ୍ଦ୍ରର ସୁରକ୍ଷାକୁ ନେଇ ନିଷ୍ପତ୍ତି ନେବେ। ଜିଲା ପରୀକ୍ଷା ପରିଚାଳନା ପ୍ରକ୍ରିୟାର ନିରୀକ୍ଷଣ ପାଇଁ ଜିଲା କିମ୍ବା ବ୍ଲକ ଅଧିକାରୀଙ୍କୁ ନିୟୋଜିତ କରାଯିବ। ପ୍ରତ୍ୟେକ ଦିନର ରିପୋର୍ଟକୁ transfer222@gmail.comରେ ମେଲ କରିବେ। ସମସ୍ତ ବିଦ୍ୟାଳୟର ମୁଖ୍ୟ ସୂଚନାପତ୍ର, ଉପସ୍ଥାନ,ପ୍ୟାକେଟ୍ ସ୍ଲିପ୍ ଓ ମୂଲ୍ୟାଙ୍କନ ସ୍କିମ୍‌କୁ ବୋର୍ଡ ପକ୍ଷରୁ ଦିଆଯାଇଥିବା ୱେବ୍‌ସାଇଟ୍‌ରୁ ଡାଉନଲୋଡ଼ କରିବାକୁ ନିର୍ଦ୍ଦେଶ ରହିଛି।

## ଶିକ୍ଷକ ଥାନାରେ ଅଟକ

**ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ**

**ଭୁବନେଶ୍ୱର,୧୮।୧୧(ବ୍ୟୁରୋ)**

ନୀଳାଦ୍ରି ବିହାରର ଜଣେ ନବମ ଶ୍ରେଣୀର ଛାତ୍ରୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଜଣେ ଶିକ୍ଷକଙ୍କୁ ଚନ୍ଦ୍ରଶେଖରପୁର ପୋଲିସ ଅଟକ ରଖିଛି। ଶିକ୍ଷକ ଜଣକ ଶୈଳଶ୍ରୀ ବିହାର ଅଞ୍ଚଳରେ ଥିବା ଏକ କୋଚିଂ ସେଣ୍ଟରରେ ପଢାନ୍ତି। ଛାତ୍ରୀଙ୍କୁ ସେ ଅଶାଳୀନ ବ୍ୟବହାର କରିବା ଅଭିଯୋଗ ହେବା ପରେ ଅଭିଭାବକ ଓ ସମ୍ପର୍କୀୟମାନେ ଗୁରୁବାର ଉକ୍ତ କୋଚିଂ ସେଣ୍ଟରକୁ ଯାଇ ତାଙ୍କୁ ନିର୍ଘୁମ ମାଡ଼ ମାରିଥିଲେ। ଖବର ପାଇ ପୋଲିସ ସେଠାରେ ପହଞ୍ଚିବା ସହ ଶିକ୍ଷକଙ୍କୁ ଉଦ୍ଧାର କରିଥିଲା। ପରେ ଥାନାକୁ ଆଣି ଶିକ୍ଷକଙ୍କୁ ପଚରାଉଚରା କରୁଛି। ଅପରପକ୍ଷରେ ଏଭଳି ଘଟଣାକୁ ଶିକ୍ଷକ ଜଣକ ଅସ୍ୱୀକାର କରିଥିବାବେଳେ ପୋଲିସ ଉକ୍ତ କୋଚିଂ ସେଣ୍ଟରର ମାଲିକଙ୍କୁ ପଚରାଉଚରା କରି ଅଧିକ ତଦନ୍ତ ଚଳାଇଛି। ଏନେଇ ଚନ୍ଦ୍ରଶେଖରପୁର ଥାନା ଅଧିକାରୀଙ୍କ କହିବା କଥା, ଛାତ୍ରୀଙ୍କ ଅଭିଭାବକଙ୍କ ଅଭିଯୋଗକ୍ରମେ ଶିକ୍ଷକଙ୍କୁ ଥାନାରେ ଅଟକ ରଖାଯାଇ ପଚରାଉଚରା କରାଯାଉଛି। ତେବେ ତାଙ୍କ ନାମରେ କୌଣସି ମାମଲା ରୁଜୁ ହୋଇ ନ ଥିବା ସେ କହିଛନ୍ତି।

## ବ୍ଲକ ସ୍ତରୀୟ ସୁରଭି ପୁରସ୍କାର ବିତରଣୀ ଉତ୍ସବ

**ବାଣପୁର,୧୮।୧୧(ଡି.ଏନ୍.ଏ.)**

ବାଣପୁର ବ୍ଲକ ନନ୍ଦପୁର ପଞ୍ଚାୟତ ଅଲାଇଡ଼ିହସ୍ଥିତ ପଦ୍ମଚରଣ ଉଚ୍ଚବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମର ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବିଇଓ ସନାତନ ଜାଲି ଯୋଗଦେଇଥିଲେ। ଅତିଥିଭାବେ ଆଞ୍ଚଳିକ ସାଧନା ସଂଯୋଜକ ଯୋଗେନ୍ଦ୍ର ନାଥ ସ୍ୱାଇଁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ହରିଚନ୍ଦନଙ୍କ ସମେତ ପଦ୍ମଚରଣ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଯୋଗଦେଇଥିଲେ। ଚିତ୍ରାଙ୍କନରେ ଶାଳିଆ ବିଦ୍ୟା ନିକେତନର ମାମାଲି ବେହେରା, ସଙ୍ଗୀତରେ ବାଣପୁର ସରକାରୀ ଉଚ୍ଚ ବିଦ୍ୟାଳୟ-୨ର ଦେବସ୍ମିତା ମହାରଣା, ପତ୍ରଲିଖନରେ ଭେଟିନାଥ ଦେବ ସରକାରୀ ଉଚ୍ଚବିଦ୍ୟାଳୟର ନୀଳାଦ୍ରି ରାଉତ, ବକ୍ତୃତାରେ ଗୋଦାବରୀଶ ବିଦ୍ୟାପୀଠର ସୁଶାନ୍ତ କୁମାର ସାହୁ, ନୃତ୍ୟ ଆଦି ପ୍ରତିଯୋଗିତାରେ ପଦ୍ମଚରଣ ହାଇସ୍କୁଲର ୫ଜଣ ଛାତ୍ରୀ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା। ସିଆର୍‌ସିସି ସୂର୍ଯ୍ୟ ନାରାୟଣ ମିଶ୍ର, ଅକ୍ଷୟ ମଙ୍ଗରାଜ, ବ୍ରଜ ସୁନ୍ଦର ମିଶ୍ର, ତାପସ ମହାରଣା, ପ୍ରଦୀପ ନାୟକ, ଅରୁଣ ବାରିକ, ଭାସ୍କର ପ୍ରଧାନ, ଭବାନୀ ପ୍ରସାଦ, ପାଣ୍ଡବ ମହାରଣା, ସମୀର ସେଠୀ, ମନୋରଞ୍ଜନ ଖୁଣ୍ଟିଆ, ପବିତ୍ର ସେଣ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶିକ୍ଷକ କୈଳାସ ଚନ୍ଦ୍ର ହୋତା ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

